### ପ୍ରକାଶ ପାଇଲା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକ ପରୀକ୍ଷା ଫଳ

# ଶ୍ରେଷ୍ଠ ସ୍ନାତକ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ନୀତୀଶ ସାହୁ











ବାଲେଶ୍ୱର, ୨୭।୬(ସମିସ):

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଚଳିତବର୍ଷର ସ୍ନାତକ କଳା, ବିଜ୍ଞାନ, ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏ ବର୍ଷ କଳା, ବିଜ୍ଞାନ, ବାଣିଜ୍ୟରେ ସମୁଦାୟ ୭୩୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୬୧୧ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଶ୍ରେଷ୍ଠ ସ୍ନାତକ ସ୍ଥାନ ଅଧିକାର କରିଛନ୍ତି ଭୂତତ୍ତ୍ୱ ବିଜ୍ଞାନ ବିଭାଗର ନୀତିଶ କୁମାର ସାହୁ। ଅନର୍ସ ଡିଷ୍ଟିଂସନ ସହିତ ପ୍ରଥମ ଶ୍ରେଣୀରେ ୨୯୪ ଜଣ, କେବଳ ପ୍ରଥମ ଶ୍ରେଣୀରେ ୧୪୭ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୬୯ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ପାସ୍ ହାର ଶତକଡ଼ା ୮୪ ପ୍ରତିଶତ, କଳା ବିଭାଗରେ ପାସ୍ ହାର ୮୪ ପ୍ରତିଶତ ଏବଂ ବିଜ୍ଞାନ ବିଭାଗରେ ପାସ୍ ହାର ୯୧ ପ୍ରତିଶତ ରହିଥିବା ବେଳେ ବାଣିଜ୍ୟ ବିଭାଗରେ ପାସ୍ ହାର ୮୧ ପ୍ରତିଶତ ରହିଛି। ସ୍ନାତକ କଳା ବିଭାଗର ବିଭିନ୍ନ ବିଷୟରେ ଅନର୍ସ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ହେଲେ ଅର୍ଥନୀତି ବିଭାଗରେ ନମ୍ରତା ବେହେରା, ଶିକ୍ଷା ବିଭାଗରେ ରୁମା ମହନ୍ତ, ଇଂରାଜୀ ବିଭାଗରେ ରଶ୍ମିରଞ୍ଜନ ପାଣିଗ୍ରାହୀ, ଇତିହାସରେ ଯୁଗ୍ମ ଭାବରେ ଲୋପାମୁଦ୍ରା ମହାକୁଡ଼ ଓ ସନ୍ଦିପ କର, ଓଡିଆ ସାହିତ୍ୟରେ ଲୋପାମୁଦ୍ରା ଦାସ, ଦର୍ଶନ ବିଭାଗରେ ରୁଦ୍ଭିଜା ପୃଷ୍ଟି, ସଂସ୍କୃତରେ ସୁଦର୍ଶନ ମହାନ୍ତି, ରାଜନୀତି ବିଜ୍ଞାନ ବିଭାଗରେ ଯୋଗଜ୍ୟୋତି ବେହେରା, ହିନ୍ଦୀ ବିଭାଗରେ ଅନନ୍ୟା ସିଂ, ମନସ୍ତତ୍ତ୍ୱ ବିଭାଗରେ ଅର୍ପିତା ସାହୁ, ସମାଜ ବିଜ୍ଞାନରେ ଶୁଭଲିପ୍ସା ବେହୁରିଆ, ପରିସଂଖ୍ୟାନ ବିଭାଗରେ ତନ୍ମୟ କୁମାର ବେହେରା, ଉର୍ଦ୍ଦୁ ବିଭାଗରେ ଶେହଜାଦି ଖାତୁନ, ନୃତତ୍ତ୍ୱ ବିଜ୍ଞାନ ବିଭାଗରେ ଗୌଭବ ଗ୍ରହାଚାର୍ଯ୍ୟ ଏବଂ ଭୂଗୋଳ ବିଭାଗରେ ଅଭିଷେକ ମାଝି। ସେହିପରି ସ୍ନାତକ ବିଜ୍ଞାନରେ ବିଭିନ୍ନ ବିଷୟରେ ଅନର୍ସ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ହେଉଛନ୍ତି ଉଦ୍ଭିଦ ବିଜ୍ଞାନରେ ପ୍ରୀତି ପ୍ରଯୋଜିତା ସାମଲ, ରସାୟନ ବିଜ୍ଞାନରେ ସୋନମ ବେହେରା, କମ୍ପ୍ୟୁଟର ବିଜ୍ଞାନରେ ଅରୌକିଂକର ପୃଷ୍ଟି, ଗଣିତରେ ଲିପ୍ସା ପଣ୍ଡା, ପଦାର୍ଥ ବିଜ୍ଞାନରେ ଆୟୁଶ ଅଭିଜ୍ଞାନ ଦାସ, ପ୍ରାଣୀ ବିଜ୍ଞାନରେ ରଞ୍ଜିତା ରାଉତ ଏବଂ ଭୂତତ୍ତ୍ୱ ବିଜ୍ଞାନରେ ନୀତିଶ କୁମାର ସାହୁ। ସେହିପରି ସ୍ନାତକ ବାଣିଜ୍ୟ ଅନର୍ସ ପରୀକ୍ଷାରେ ସମୀକ୍ଷା ପାତ୍ର ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି କୃତକାର୍ଯ୍ୟ ହୋଇଛନ୍ତି। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିବିଏ ବିଭାଗରେ ସମୁଦାୟ ୫୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୪୧ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସୌରଭ ମୁଖାର୍ଜୀ। ଇଣ୍ଟିଗ୍ରେଟେଡ଼ ସ୍ନାତକ କଳା ଓ ବିଜ୍ଞାନ ପରୀକ୍ଷାଫଳ ମଧ୍ୟ ପ୍ରକାଶିତ ହୋଇଛି। ଏବର୍ଷ କଳା ଓ ବିଜ୍ଞାନରେ ସମୁଦାୟ ୯୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୯୬ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ପାସ୍ ହାର ଶତକଡ଼ା ୯୯ ପ୍ରତିଶତ। ସ୍ନାତକ କଳା ଭାଷା ବିଭାଗ ଅନ୍ତର୍ଗତ ଅନର୍ସ ପରୀକ୍ଷାରେ ଇଂରାଜୀ ବିଭାଗର ରାଜଲକ୍ଷ୍ମୀ ଗିରି ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରିଥିବା ବେଳେ ସାମାଜିକ ବିଜ୍ଞାନ ଅନ୍ତର୍ଗତ ଭୂଗୋଳ ବିଭାଗର ଉତ୍କଳିକା ସେନାପତି ଏବଂ ଜୈବିକ ବିଜ୍ଞାନ ଅନ୍ତର୍ଗତ ପ୍ରାଣୀ ବିଜ୍ଞାନ ବିଭାଗର ଅଙ୍କିତା ମହାନ୍ତି ଏବଂ ଭୌତିକ ବିଜ୍ଞାନ ଅନ୍ତର୍ଗତ ରସାୟନ ବିଜ୍ଞାନ ବିଭାଗର ଚିନ୍ମୟୀ ନନ୍ଦ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

## ଦୁଇ ଶିଶୁ ଶ୍ରମିକ ଉଦ୍ଧାର

ବାଲେଶ୍ୱର, ୨୭।୬(ସମିସ): ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପରିପ୍ରେକ୍ଷୀରେ ଶ୍ରମ ବିଭାଗ, ଶିଶୁ ସୁରକ୍ଷା ବିଭାଗ ଓ ବସ୍ତି ଏରିଆ ଡେଭଲପମେଣ୍ଟ(ବିଏଡିସି) ପକ୍ଷରୁ ନୀଳଗିରି ଅଞ୍ଚଳର ବିଭିନ୍ନ ହୋଟେଲ ଉପରେ ମିଳିତ ଚଢ଼ାଉ କରାଯାଇ ଦୁଇଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହେଇଥିବା ଶିଶୁ ଶ୍ରମିକ ଦ୍ୱୟଙ୍କ ଘର ନୀଳଗିରି ଅଞ୍ଚଳରେ। ପିଲା ଦୁଇଜଣଙ୍କୁ ଉଦ୍ଧାର କରାଯିବା ପରେ ପ୍ରଥମେ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନ କରାଯାଇଥିଲା। ସେଠାରେ ସେମାନଙ୍କର କାଉନସେଲିଂ କରାଯାଇ ଥିଲା। ପରେ ସେ ଦୁଇ ଶିଶୁଙ୍କୁ ବାଲେଶ୍ୱର ସହରର ସହଦେବଖୁଣ୍ଟା ସ୍ଥିତ ଉତ୍କଳ ବାଳାଶ୍ରମରେ ଛଡ଼ାଯାଇଛି। ଅପରପକ୍ଷରେ ଯେକୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥା ଓ ଅନୁଷ୍ଠାନରୁ ଯଦି କାର୍ଯ୍ୟରତ ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର କରାଯାଏ, ତାହେଲେ ଶ୍ରମ ବିଭାଗ ପକ୍ଷରୁ ସମ୍ପୃକ୍ତ ସଂସ୍ଥା ଓ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଶିଶୁ ଶ୍ରମିକ ଆକ୍ଟ ଅନୁସାରେ ଶ୍ରମ ବିଭାଗ ପକ୍ଷରୁ ଥାନାରେ ମାମଲା ରୁଜୁ କରାଯିବା କଥା।ମାତ୍ର ଉଦ୍ଧାର ହେଇଥିବା ଏହି ଶିଶୁ ଶ୍ରମିକ ଦ୍ୱୟଙ୍କ ଘଟଣାରେ ନୀଳଗିରି ଶ୍ରମ ବିଭାଗ ପକ୍ଷରୁ କାର୍ଯ୍ୟ କରୁଥିବା ହୋଟେଲ ମାଲିକଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ ନାହିଁ। ଏ ବାବଦରେ ନୀଳଗିରି ଶ୍ରମ ବିଭାଗର ସହକାରୀ ଶ୍ରମ ଅଧିକାରୀ ଶ୍ରୀହରି ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି, ହୋଟେଲ ମାଲିକଙ୍କ ବିରୁଦ୍ଧରେ ଥାନାରେ ଏତଲା ଦିଆଯାଇ ନାହିଁ। ଏହି ଉଦ୍ଧାର ଅଭିଯାନରେ ନୀଳଗିରି ଶ୍ରମ କାର୍ଯ୍ୟାଳୟର ସହକାରୀ ଶ୍ରମ ଅଧିକାରୀ ଶ୍ରୀହରି ସାମଲ, ଜିଲ୍ଲା ଶ୍ରମ ବିଭାଗର କର୍ମଚାରୀ ରାଜୀବ ଯାଦବ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର ସୈରେନ ଗିରି ଓ ପାର୍ଥ ସାରଥୀ ଦାସ ଏବଂ ବିଏଡିସିର ସମ୍ପାଦକ ତଥା ଶିଶୁ ସୁରକ୍ଷା ଟାସ୍କ ଫୋର୍ସର ସଦସ୍ୟ ଗୋପାଳକୃଷ୍ଣ କରଙ୍କ ସମେତ ସ୍ଥାନୀୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ଏବିଭିପି ପକ୍ଷରୁ ସହାୟତା କେନ୍ଦ୍ର



ବାଲେଶ୍ୱର, ୨୭।୬(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ନୂତନ କରି ମହାବିଦ୍ୟାଳୟରେ ଆଡମିସନ ନେବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ସହଯୋଗ ନିମନ୍ତେ ସହାୟତା କେନ୍ଦ୍ର ଖୋଲାଯାଇଛି। ପ୍ରକାଶ ଥାଉ କି, ଚଳିତ ନୂତନ ଶିକ୍ଷାବର୍ଷରେ ଯୁକ୍ତ ୩ରେ ଆଡମିସନ ନିମନ୍ତେ ଶିକ୍ଷାବିଭାଗ ତରଫରୁ ସାମ୍ସ ଜରିଆରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇ ଥିଲା। ଯୁକ୍ତ ୩ରେ ଆଡମିସନ ନେବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କର ମେରିଟ ଲିଷ୍ଟ ଅନୁସାରେ ସେମାନେ ବିଭିନ୍ନ ମହାବିଦ୍ୟାଳୟରେ ଆଡମିସନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଏବିଭିପି ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ ଶାଖା ତରଫରୁ ନୂତନ ବିଦ୍ୟାର୍ଥୀମାନଙ୍କର ଆଡମିସନ ଜନିତ ସମସ୍ୟାର ସମାଧାନ ଏବଂ ସହଯୋଗ ପାଇଁ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସହାୟତା କେନ୍ଦ୍ର ଖୋଲାଯାଇଛି। ତତ୍ ସହିତ ବିଦ୍ୟାର୍ଥୀ ପରିଷଦ ତରଫରୁ ହେଲ୍ପଲାଇନ ନମ୍ବର ମଧ ଜାରି କରାଯାଇଅଛି। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ଘୋଷ, ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ ରଣା, ଅଧ୍ୟାପକ ସନ୍ତୋଷ କୁମାର ରାଉତ, ଅଧ୍ୟାପକ ଲକ୍ଷ୍ମୀନାରାୟଣ ନାୟକ, ଅଧ୍ୟାପକ ସମୀର କୁମାର ସାହୁ ଉପସ୍ଥିତ ରହି ସହାୟତା କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଜୁନ ୨୭ରୁ ଜୁନ ୨୯ ପର୍ଯ୍ୟନ୍ତ ଏବିଭିପିର ସହାୟତା କେନ୍ଦ୍ର ଖୋଲା ରହିବ। ପରବର୍ତ୍ତୀ ସମୟରେ ମଧ ଆଡମିସନ ପ୍ରକ୍ରିୟା ସରିବା ପର୍ଯ୍ୟନ୍ତ ବିଦ୍ୟାର୍ଥୀ ପରିଷଦ ତରଫରୁ ସହାୟତା ଜାରି ରହିବ।

## ସାମ୍ବାଦିକାଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ଓୟୁଜେର ବିକ୍ଷୋଭ




ବାଲେଶ୍ୱର, ୨୭।୬(ସମିସ): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଫକୀରମୋହନ ଗୋଲେଇଠାରେ ଭୁବନେଶ୍ୱରରେ ଜଣେ ମହିଳା ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାମ୍ବାଦିକ ୟୁନିଅନ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ନିର୍ଦ୍ଦେଶରେ ଆଜି ରାଜ୍ୟ ବ୍ୟାପୀ ଓୟୁଜେ ପକ୍ଷରୁ ବିକ୍ଷୋଭ କରାଯାଇଛି। ବାଲେଶ୍ୱରଠାରେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମରେ ସଂଘର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥୀ, ଜୋନାଲ ସମ୍ପାଦକ ରବୀନ୍ଦ୍ର ମହାକୁଡ, ସମ୍ପାଦକ ବିବେକାନନ୍ଦ ଦାସ, କୋଷାଧକ୍ଷ ସୁରେଶ ଚନ୍ଦ୍ର ଦାସ, ପ୍ରେସ କ୍ଲବ ସଭାପତି ବିପ୍ଳବ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ସଦସ୍ୟ ହିମାଂଶୁ ଦାସ, ଜୀବନ ନାୟକ, ଅଜିତ ମହାନ୍ତି, ଅଧୀପ ଜେନା, ଲକ୍ଷ୍ମୀଧର ଗାନ, ଲୋକନାଥ ପିରୀ, ଅନିତା ପିରୀ, ସେକ ନଜିମ, କୁଞ୍ଜମଣି ସ୍ୱାଇଁ, ମହେଶ୍ୱର ପ୍ରଧାନ, ସୋମନାଥ ସାହୁ, ପ୍ରକାଶ ଚନ୍ଦ୍ର ଦାସ, ସସ୍ମିତା ରଣା, ସଞ୍ଜୟ କୁମାର ମଲ୍ଲିକ, କହ୍ନେଇ ଚରଣ ପ୍ରଧାନ, ଅବିନାଶ ଠାକୁର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଆନ୍ତର୍ଜାତିକ ନିଶା ସେବନ ଏବଂ ଅନୈତିକ ଚୋରା ଚାଲାଣ ବିରୋଧୀ ଦିବସ ପାଳିତ



ବାଲେଶ୍ୱର, ୨୭।୬ (ସମିସ): ସମାଜସେବୀ ସଂଗଠନ ଜ୍ଞାନଶ୍ରୀ, ବାଲେଶ୍ୱର ଆମ ଅଧିକାର ଫାଉଣ୍ଡେସନ, ଲଙ୍ଗଳେଶ୍ୱର, ବାଲିଆପାଳ ଏବଂ ଓଡ଼ିଶା କମ୍ପ୍ୟୁଟର ଏକାଡେମୀର ମିଳିତ ଆନୁକୂଲ୍ୟରେ ଫକୀରମୋହନ କଲେଜ ନିକଟସ୍ଥ ଓଡ଼ିଶା କମ୍ପ୍ୟୁଟର ଏକାଡେମୀ ପରିସରରେ ଆନ୍ତର୍ଜାତିକ ନିଶା ସେବନ ଏବଂ ଅନୈତିକ ଚୋରା ଚାଲାଣ ବିରୋଧୀ ଦିବସ ପାଳିତ ହୋଇଯାଇଛି। ଜ୍ଞାନଶ୍ରୀର ସମ୍ପାଦକ ପ୍ରଶାନ୍ତ କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଓଡ଼ିଶା ନୋଲେଜ କର୍ପୋରେସନର ଆସୋସିଏଟ ମାର୍କେଟିଂ ଏବଂ ସେଲ୍ସ ଅଧିକାରୀ ଚନ୍ଦ୍ରଭାନୁ ଦାଶ, ଓସିଏର ମୁଖ୍ୟ ସୁବିର କୁମାର ଦେ, ଆମ ଅଧିକାର ଫାଉଣ୍ଡେସନର ସଭାପତି ରାଜକିଶୋର ପାତ୍ର, ସେଚ୍ଛାସେବୀ ସଞ୍ଜୟ କୁମାର ପଣ୍ଡା, ନବକୁମାର ପରିଡ଼ା, ମହେଶ ବେହେରା, ହୃଷିକେଶ ପରିଚ୍ଛା, ସୁବାସ ସାମଲ, ସତ୍ୟକୃଷ୍ଣ ଦାସ, ଚିନ୍ମୟ କୁମାର ପାତ୍ର, ପ୍ରକାଶ ସାହୁ, ବିଶ୍ୱ ରଞ୍ଜନ ମହାପାତ୍ର, ମଦନ ମୋହନ ବାରିକ ପ୍ରମୁଖ ଆଜିର ଦିନରେ ନିଶା ସେବନର ଭୟାବହତା ବାବଦରେ ଆଲୋକପାତ କରିବା ସହିତ ନିଶା ସେବନଠାରୁ ସମସ୍ତେ ଦୂରେଇ ରହି ଏକ ସୁସ୍ଥ ସମାଜ ଗଠନ ପାଇଁ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ନିଜେ ନିଶା ସେବନରୁ ବିରତ ରହି ଅନ୍ୟମାନଙ୍କୁ ନିଶା ସେବନର ପରିଣାମ ବାବଦରେ ସଚେତନ କରାଇବାକୁ ଶପଥ ପାଠ କରିଥିଲେ।

## 'ରସରାଜ ବଟବିହାରୀ ରଚନାବଳୀ'ର ଲୋକାର୍ପଣ ଉତ୍ସବ




ବାଲେଶ୍ୱର, ୨୭।୬(ସମିସ): ୧୯୧୩ ମସିହା ଜୁନ୍ ୨୨ ରେ ରେମୁଣାରେ ଜନ୍ମିତ ଓଡ଼ିଆ ଭାଷା ସାହିତ୍ୟ ଜଗତର ଜଣେ ହାସ୍ୟ-ବ୍ୟଙ୍ଗ ରଚୟିତା ଭାବେ ସୁଖ୍ୟାତି ଅର୍ଜନ କରିଥିବା ରସରାଜ ବଟବିହାରୀଙ୍କ ମୃତ୍ୟୁର ୨୫ ବର୍ଷ ପରେ ତାଙ୍କର ସମଗ୍ର ଗଦ୍ୟ ସାହିତ୍ୟଗୁଡ଼ିକୁ ନେଇ 'ରସରାଜ ବଟବିହାରୀ ରଚନାବଳୀ'(ପ୍ରଥମ ଭାଗ) ଗ୍ରନ୍ଥର ଲୋକାର୍ପଣ ଉତ୍ସବ ସ୍ଥାନୀୟ ହନୁମାନ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବଟବିହାରୀ ଦାସ ସ୍ମୃତି କମିଟି ଓ ରେମୁଣା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ଡ. ଭାଗବତ ପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ଦେବାଶିଷ ପାତ୍ର, ମୁଖ୍ୟ ବକ୍ତା ଡଃ. ଅରବିନ୍ଦ ଗିରି, ପ୍ରକାଶକ କବି କାଳୀପଦ ପଣ୍ଡା, ସମୀକ୍ଷକ ନିରଞ୍ଜନ ସାହୁ, ଡଃ. ଶ୍ୟାମସୁନ୍ଦର ପଣ୍ଡା, ବିଷ୍ଣୁପଦ ପଣ୍ଡା ପ୍ରମୁଖ ଯୋଗଦେଇ ବଟବିହାରୀଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କ ସମ୍ପର୍କରେ ଅଧିକ ଗବେଷଣା ହେଲେ ବଟବିହାରୀଙ୍କ ସାହିତ୍ୟର ବିଭିନ୍ନ ଦିଗ ଲୋକଲୋଚନକୁ ଆସିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଗ୍ରନ୍ଥର ସଂକଳକ ଡ. ଗିରି ନିଜ ଅନୁଭୂତି ପ୍ରକାଶ କରିଥିବା ବେଳେ ପ୍ରକାଶକ ଶ୍ରୀ ପଣ୍ଡା ପ୍ରକାଶକୀୟ ଅଭିବ୍ୟକ୍ତି ରଖିଥିଲେ। ସମ୍ପାଦକ ଦୁଷ୍ମନ୍ତ କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବଟବିହାରୀଙ୍କ ଜ୍ୟେଷ୍ଠ ପୁତ୍ର ଡା. ସତ୍ୟରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଜିତ କୁମାର ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ କବି ପ୍ରଭାକର ସାହୁ, ସତ୍ୟଭାମା ମୁଦୁଲି ଓ ଗୌରାଙ୍ଗ ଚନ୍ଦ୍ର ପଡ଼ିଆରୀଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି ଓ କବୟିତ୍ରୀ କବିତା ପାଠ କରିଥିଲେ।

## ଭୋଗରାଇ ନିର୍ବାଚନମଣ୍ଡଳୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବି

ବାଲେଶ୍ୱର, ୨୭।୬(ସମିସ):



ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଭୋଗରାଇ ନିର୍ବାଚନମଣ୍ଡଳୀରେ ଥିବା ଜଳେଶ୍ୱରପୁର ଏବଂ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୩ ଲକ୍ଷ ୫୦ ହଜାର ଅଧିବାସୀ ନିର୍ଭରଶୀଳ। ତେଣୁ ଉକ୍ତ ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତରମାନଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଦାବି କରିଛନ୍ତି। ଆଜି ବିଧାୟକ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଏବଂ ସିଡିଏମଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକ ବୈଷୟିକ ଓ କ୍ଲିନିକାଲ କର୍ମଚାରୀ ନିଯୁକ୍ତି, ଡାକ୍ତରମାନଙ୍କ ପାଇଁ କ୍ୱାର୍ଟର ନିର୍ମାଣ, ସେଠାରେ ରକ୍ତଭଣ୍ଡାର ଏବଂ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଭିତ୍ତିଭୂମି ପ୍ରତିଷ୍ଠା କରିବାକୁ ଦାବି କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ, ୧୪ଜଣ ଡାକ୍ତରଙ୍କ ବଦଳରେ ଏବେ ୬ଜଣ ଡାକ୍ତର ରହିଛନ୍ତି। ସେହିପରି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଭାବେ ମେଡିସିନ, ଶିଶୁ ବିଭାଗ, ସର୍ଜରୀ ଏବଂ ଅର୍ଥୋପେଡ଼ିକ୍ ବିଶେଷଜ୍ଞ ପାଇଁ ଦାବି କରାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୮ଜଣ ଷ୍ଟାଫନର୍ସ ନିଯୁକ୍ତି ସହ ଅଲ୍ଟ୍ରାସାଉଣ୍ଡ ମେସିନ ସ୍ଥାପନ, ଏକ୍ସରେ ଟେକ୍ନିସିଆନ୍ ନିଯୁକ୍ତି, ଆଇସିୟୁ ପାଇଁ ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତି, ଆଠଜଣ ଆଟେଣ୍ଡେଣ୍ଟ ନିଯୁକ୍ତି, ୮ଜଣ ମେଡିକାଲ ଅଫିସରଙ୍କ ପାଇଁ କ୍ୱାର୍ଟର ନିର୍ମାଣ, ୨୦ ଜଣ କର୍ମଚାରୀଙ୍କ ପାଇଁ ଷ୍ଟାଫ୍ କ୍ୱାର୍ଟର ନିର୍ମାଣ, ରକ୍ତଭଣ୍ଡାର, ୨୫୦ କେ.ଭି ଟ୍ରାନ୍ସଫର୍ମର ପ୍ରତିଷ୍ଠା ଅଧିକ ଆମ୍ବୁଲାନ୍ସ ବ୍ୟବସ୍ଥା ପାଇଁ ଦାବି କରାଯାଇଛି।ଏହା ସହିତ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪ଜଣ ଡାକ୍ତରଙ୍କ ପରିବର୍ତ୍ତେ ଏବେ ୫ଜଣ ଡାକ୍ତର ଅଛନ୍ତି। ତେଣୁ ସମସ୍ତ ପଦବୀ ପୂରଣ ସହ ମେଡିସିନ, ଶିଶୁ ବିଭାଗ, ସର୍ଜରୀ ଓ ଅର୍ଥୋପେଡ଼ିକ୍ ବିଭାଗରେ ସ୍ପେଶାଲିଷ୍ଟ ପଦବୀ ପୂରଣ, ୭ଜଣ ଷ୍ଟାଫ୍ ନର୍ସ ନିଯୁକ୍ତି, ଅଲ୍ଟ୍ରାସାଉଣ୍ଡ ମେସିନ ସ୍ଥାପନ, ଏକ୍ସରେ ଟେକ୍ନିସିଆନ୍ ନିଯୁକ୍ତି, ଆଇସିୟୁ ପାଇଁ ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତି, ଆଠଜଣ ଆଟେଣ୍ଡାଣ୍ଟ ନିଯୁକ୍ତି, ୬ଟି ଷ୍ଟାଫ୍ କ୍ୱାର୍ଟର୍ସ, ଆମ୍ବୁଲାନ୍ସ, ରକ୍ତଭଣ୍ଡାର, ରକ୍ତ ସଂରକ୍ଷଣ ୟୁନିଟ୍ ଏବଂ ପୋଷ୍ଟମୋର୍ଟମ କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି କରାଯାଇଛି। ସେହିପରି କଖଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ, ନିମାତପୁରା ପିଏଚସିରେ ମେଡିକାଲ ଅଫିସରଙ୍କ ପାଇଁ କ୍ୱାର୍ଟର ନିର୍ମାଣ, ଜଳସହରିଆ ପିଏଚସିରେ କ୍ୱାର୍ଟର ନିର୍ମାଣ, ଦେଉଳା ପିଏଚସି, ଚନ୍ଦନେଶ୍ୱର ପିଏଚସି, ଜୟରାମପୁର, ଭୋଗରାଇ ଓ ଶ୍ରଦ୍ଧାପୁର ପିଏଚସିରେ ଥିବା ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଛି। ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ନେତୃତ୍ୱରେ ଭୋଗରାଇ ବ୍ଲକ ଚେୟାରମ୍ୟାନ ପ୍ରବୀର୍ ଗିରି ଓ ଜିଲ୍ଲାପରିଷଦ ସଦସ୍ୟମାନେ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ସିଡିଏମଓ ଡାକ୍ତର ଦୁଲାଲ ସେନ ଜଗଦେବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

**● ଜିଲ୍ଲାପାଳ ଓ ସିଡିଏମ୍ଓଙ୍କୁ ଭେଟି ଦାବିପତ୍ର ଦେଲେ ବିଧାୟକ ଗୌତମବୁଦ୍ଧ**

# ଅବକାରୀ ଚଢ଼ଉ, ୪ ଗିରଫ

ସୋର, ୨୭।୬(ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ାଉ କରି ଗୁଡ଼ପୋଚ ନଷ୍ଟ କରିଥିବା ବେଳେ ଦେଶୀମଦ ଜବତ କରି ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁ, ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ଇନସ୍ପେକ୍ଟର ସଞ୍ଜିତ ବାର୍ଲା ଏବଂ ଖଇରା ଅବକାରୀ ଅଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ ସୋର ଥାନା ପୁରୁଷୋତ୍ତମପୁର ଗ୍ରାମରେ ଚଢ଼ାଉ କରି ସୁମିତ୍ରା ମଲିକ ନିକଟରୁ ୬୦ ଲିଟର ଦେଶିମଦ, ପାଖର ପଞ୍ଚାୟତ ଗୋପୀନାଥପୁର ଗ୍ରାମର ନିରାକାର ସାହୁ ନିକଟରୁ ୪୦ ଲିଟର ଦେଶିମଦ ଖଇରା ଥାନା ଡୁଙ୍ଗୁରା ଗ୍ରାମର ଘାସିରାମ ସିଂ ନିକଟରୁ ୮୦ ଲିଟର ଏବଂ ମହାରଣା ଗ୍ରାମର ଚକ୍ରଧର ଶିଅଳ ନିକଟରୁ ୭୫ ଲିଟର ଦେଶିମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ସେହିପରି ଡୁଙ୍ଗୁରା ରଘୁନାଥପୁର ନଦୀକୂଳରେ ବେଆଇନ ଭାବେ ଗଢି ଉଠିଥିବା ଦେଶିମଦ କାରଖାନା ଉପରେ ଚଢ଼ାଉ କରି ୪ ହଜାର ଲିଟର ଗୁଡ଼ପୋଚ ନଷ୍ଟ କରିବା ସହିତ ୭୫୦ ଲିଟର ଦେଶିମଦ ଏବଂ ମହାରଣା ଗ୍ରାମରେ ଚଢ଼ାଉ କରି ୨୭୩୦ ଲିଟର ଗୁଡ଼ପୋଚ ନଷ୍ଟ କରିବା ସହିତ ୨୪୫ ଲିଟର ଦେଶିମଦ ଜବତ କରିଥିଲେ। ଚଢ଼ାଉ ହେଉଥିବା ଜାଣିପାରି ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସଆଇ ମିନତୀ ଜେନା, ଦୁର୍ଯ୍ୟୋଧନ ବେହେରା, କନେଷ୍ଟବଳ ଶଶୀକାନ୍ତ ସାହୁ, ରଜନୀକାନ୍ତ ସାହୁ, କାଜଲ ପ୍ରିୟଦର୍ଶିନୀ, ତପନ ମଲିକ, ମିନତୀ ବେହେରା, ପଙ୍କଜ ମହାନ୍ତି, ସୁନାରାମ ସୋରେନ ପ୍ରମୁଖ ସାମିଲ ହୋଇଥିଲେ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୮ ଗୋରୁ ମୃତ

ଭୁଷଣ୍ଡେଶ୍ୱର, ୨୭।୬ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ପିଠାପୁର ଗ୍ରାମ ଜହ୍ନେଇ ପାଣ୍ଡ ବିଲରେ ଆଜି ଛିଣ୍ଡି ପଡ଼ିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୮ ଗାଈଗୋରୁଙ୍କ ମୃତ୍ୟୁ ଘଟିଛି। ଏହି ଗ୍ରାମର ମଡିଆ ଖାଁ ନାମକ ଜୈନିକ ବ୍ୟକ୍ତିଙ୍କ ଏକ ଉଠାଜଳସେଚନ ପଏଣ୍ଟକୁ ବିଦ୍ୟୁତ ତାର ଯାଇଥିଲା। କୌଣସି କାରଣ ବଶତଃ ସେହି ବିଦ୍ୟୁତ ତାର ଛିଣ୍ଡି ତଳେ ପଡ଼ିଯାଇ ଥିଲା। ଆଜି ଅପରାହ୍ନ ସମୟରେ ବିଲକୁ ଚରିବାକୁ ଯାଇଥିବା ୮ଟି ଗୋରୁ ସେହି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ସେମାନଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ବିଦ୍ୟୁତ ବିଭାଗର ଏସ୍ ଡି ଓ କାନ୍ତି ଭୂଷଣ ଜେନାଙ୍କୁ ଫୋନ୍ ଯୋଗେ ପଚାରିବାରୁ ସେ କହିଥିଲେ ଯେ ଉକ୍ତ ସେଚ ପଏଣ୍ଟ କୁ ଦୀର୍ଘ ଦୁଇମାସ ପୂର୍ବରୁ ବିଦ୍ୟୁତ ସରବରାହ ଛିନ୍ନ କରାଯାଇଛି। କିନ୍ତୁ ସମ୍ପୃକ୍ତ ମାଲିକ ବିଦ୍ୟୁତ ବିଭାଗକୁ ନ ଜଣାଇ ସେ ନିଜେ ବେଆଇନ ଭାବେ ବିଦ୍ୟୁତ ସଂଯୋଗ କରିଥିଲେ। ତେଣୁ ଏହି ଦୁର୍ଘଟଣାରେ ଉକ୍ତ ସେଚ ପଏଣ୍ଟ ମାଲିକ ଦାୟୀ ଥିବାରୁ ବିଭାଗ ତରଫରୁ ଥାନାରେ ତାଙ୍କ ନାମରେ ଲିଖିତ ଅଭିଯୋଗ ହୋଇଛି।

# ପୋଖରୀରୁ ପାଣି ଶୁଖାଇବାକୁ କେନ୍ଦ୍ରକରି ଗ୍ରାମରେ ଉତ୍ତେଜନା

ରାଜଘାଟ, ୨୭।୬ (ସମିସ) : ବସ୍ତା ବ୍ଲକ ଅନ୍ତର୍ଗତ ନାବଦା ଗ୍ରାମରେ ବେଆଇନ ଭାବରେ ପୋଖରୀ ଶୁଖାଇବାକୁ କେନ୍ଦ୍ରକରି ଉତ୍ତେଜନା ସୃଷ୍ଟି ହେବାରୁ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନାବଦା ଗ୍ରାମରେ ଥିବା ଏହି ପୋଖରୀର ପାଣିକୁ ଗ୍ରାମର ଅଧିକାଂଶ ଲୋକ ବ୍ୟବହାର କରୁଥିବା ବେଳେ ଗାଈ ଗୋରୁ, ପଶୁ ପକ୍ଷୀ ଇତ୍ୟାଦି ଏହି ପୋଖରୀରୁ ପାଣି ପିଇଥାନ୍ତି। ମାତ୍ର ଗ୍ରାମର ଜନୈକ ବ୍ୟକ୍ତି ମଙ୍ଗଳବାର ରାତିରେ ଗ୍ରାମର ଜୈନିକ ବ୍ୟକ୍ତିଙ୍କ ମିଟରରୁ ପାଖା ପାଖି ଦୁଇ କଏଲ୍ ତାର ବିଦ୍ୟୁତ ସଂଯୋଗ କରି ଦୁଇଟି ଇଲେକ୍ଟ୍ରିକ ମଟର ଲଗାଇ ପାଣି ଶୁଖାଉ ଥିଲେ। ସକାଳେ ଗ୍ରାମବାସୀ ଜାଣିପାରି ଉକ୍ତ ବ୍ୟକ୍ତିଙ୍କୁ ପଚାରିବାରୁ ସେମାନଙ୍କ ମଧ୍ୟରେ ଉଚ୍ଚବାଚ ସହ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଏସଡିପିଓ ଅରୁଣ କୁମାର ସାହୁ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ଏପରି ସ୍ଥଳେ ଗ୍ରାମର ଏହି ପୋଖରୀକୁ ବେଆଇନ ଭାବରେ ଶୁଖା ଯାଉ ଥିବାରୁ ଗ୍ରାମବାସୀ ମାନେ ଜନୈକ ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଖବର ପାଇ ବସ୍ତା ବିଦ୍ୟୁତ ବିଭାଗର ସେକ୍ସନ ମ୍ୟାନେଜର ମୃତ୍ୟୁଞ୍ଜୟ ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଗ୍ରାମରେ ପହଞ୍ଚି ବେଆଇନ ବିଦ୍ୟୁତ ସଂଯୋଗ ବିଛିନ୍ନ କରିବା ସହ ଘଟଣାର ତଦନ୍ତ କରିଛନ୍ତି।

# ବାଲେଶ୍ୱର ବନଖଣ୍ଡରେ ୬୮ ହାତୀ

- ଡିଭିଜନରେ ହାତୀ ସଂଖ୍ୟା କମିଛି
- କୁଲଡିହା ଅଭୟାରଣ୍ୟରେ ଅଛନ୍ତି ଅଧିକ ହାତୀ
- ହାତୀ ଗଣନା ପାଇଁ ଜଙ୍ଗଲରେ ନିର୍ମାଣ ହୋଇଥିଲା ୩୪ଟି ମଞ୍ଚା



ବାଲେଶ୍ୱର, ୨୭।୬(ସମିସ):

ଅଲ୍ ଓଡ଼ିଶା ହାତୀ ଗଣନା-୨୦୨୪ ଶେଷ ହୋଇଛି। ଦୀର୍ଘ ୭ ବର୍ଷ ପରେ ରାଜ୍ୟରେ ହାତୀ ଗଣନା ପରେ ରିପୋର୍ଟ ଆସିଛି। ଏହି ତିନି ଦିନିଆ ହାତୀ ଗଣନାରେ ବାଲେଶ୍ୱର ଡିଭିଜନ୍‌ରେ ୬୮ଟି ହାତୀ ଥିବା ଜଣାପଡ଼ିଛି। ବାଲେଶ୍ୱରରେ ଏବର୍ଷ ହାତୀ ସଂଖ୍ୟା କମିଥିବା ନେଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନୁଗୁଳ, ଆଠଗଡ଼, ଢେଙ୍କାନାଳ, ବାରିପଦା, ଚନ୍ଦକା, ଖୋର୍ଦ୍ଧା, ବୋନାଇ ଓ କେନ୍ଦୁଝର ଡିଭିଜନ୍ ରେ ହାତୀ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ଶିମିଳିପାଳ ନର୍ଥ ଓ ସାଉଥ୍, ବାଲେଶ୍ୱର ବନଖଣ୍ଡ, ରାଇରଙ୍ଗପୁର ବଲାଙ୍ଗୀର, ପାରଳାଖେମୁଣ୍ଡି ଏବଂ ଅନ୍ୟ କିଛି ଡିଭିଜନରେ ଏଥର ହାତୀଙ୍କ ସଂଖ୍ୟା କମିଥିବା ନେଇ ରିପୋର୍ଟରେ ରହିଛି। ବିଶେଷକରି ପୂର୍ବ ମୌସୁମୀ, ମୌସୁମୀ ଏବଂ ଶୀତ ସମୟରେ ହାତୀ ଦେଖିବାକୁ ମିଳନ୍ତି। ଏହି ପରିପ୍ରେକ୍ଷୀରେ ଦୀର୍ଘ ୭ ବର୍ଷ ପରେ ଚଳିତବର୍ଷ ରାଜ୍ୟରେ ମେ ମାସ ୨୨ ତାରିଖରୁ ୨୪ ତାରଖି ପର୍ଯ୍ୟନ୍ତ ହାତୀର ଗତିବିଧି ଥିବା ଅଞ୍ଚଳରେ ଗଣନା କରାଯାଇଥିଲା। ଏହା ପୂର୍ବରୁ ୨୦୧୭ରେ ହାତୀ ଗଣନା କରାଯାଇଥିଲା। ତେବେ ହାତୀ ଗଣନା ଶେଷ ହେବା ପରେ ବାଲେଶ୍ୱର ଡିଭିଜନ୍‌ରେ ୬୮ ଟି ହାତୀ ଥିବା ସ୍ପଷ୍ଟ ହୋଇଛି। ୨୦୧୭ ଗଣନା ସମୟରେ ବାଲେଶ୍ୱର ଡିଭିଜନ୍ ରେ ୯୭ ହାତୀ ଥିବା ରିପୋର୍ଟ ଆସିଥିଲା। ବାଲେଶ୍ୱର ଡିଭିଜନରେ ୫୫ ଟି ବିଟ୍ ରହିଛି। ଏଥିମଧ୍ୟରୁ ୩୬ ଟି ବିଟ୍‌ରେ ହାତୀର ଉପସ୍ଥିତି ରହିଥାଏ। ବିଶେଷକରି କୁଲଡ଼ିହା ଓ ସୋରରେ ଅଧିକ ହାତୀ ଉପସ୍ଥିତ ତଥା ଚଳପ୍ରଚଳ ରହିଥାଏ। ଏହାବ୍ୟତୀତ ଜଳେଶ୍ୱର ଓ ନୀଳଗିରିରେ ପ୍ରବାସୀ ହାତୀଙ୍କ ଉପସ୍ଥିତି ଥାଏ। ଏହି ଗଣନା ସମୟରେ ୨ ଟି ପ୍ରବାସୀ ହାତୀ ଦେଖାଯାଇଥିଲେ। ତିନି ଦିନିଆ ହାତୀ ଗଣନା ପାଇଁ ବାଲେଶ୍ୱର ଡିଭିଜନ୍ ରେ ୩୪ଟି ସେସସନ୍ ୟୁନିଟ୍ ଗଠିତ ହୋଇଥିଲେ। ସେଥିମଧ୍ୟରୁ କୁଲଡ଼ିହା ପାଇଁ ୧୭ ଟି ୟୁନିଟ ଗଠିତ ହୋଇଥିଲା। ହାତୀ ଗଣନା ପାଇଁ ୩୪ ଟି ମଞ୍ଚା ନିର୍ମାଣ ହୋଇଥିଲା। ପ୍ରତି ୟୁନିଟ୍ ରେ ଗୋଟିଏ ଲେଖାଁଏ ମଞ୍ଚା ତିଆରି ହୋଇଥିଲା। ଯେଉଁଥିରେ ନିୟୋଜିତ କର୍ମଚାରୀ ଦିନତମାମ ହାତୀ ଗଣନା କରିଥିଲେ। ତେବେ ଏହି ସମସ୍ତ ହାତୀ କେବଳ କୁଲଡ଼ିହା ଭିତରେ ଦେଖିବାକୁ ମିଳିଛନ୍ତି। ଏହି ସମସ୍ତ ହାତୀ ଗଣନାର ଶେଷ ଦିନରେ ହିଁ ଦେଖିବାକୁ ମିଳିଥିଲେ ବୋଲି ବାଲେଶ୍ୱର ବନଖଣ୍ଡ ବିଭାଗ ପକ୍ଷରୁ ସୂଚନା ମିଳିଛି। ବାଲେଶ୍ୱରରେ ଥିବା ୬୮ ହାତୀ ମଧ୍ୟରୁ ୯ ଟି ଟସ୍କର, ଗୋଟିଏ ମଖନା, ଏଡଲଟ୍ କାଓସ୍ ୨୪, ସବ୍ ଏଡଲଟ୍ ବୁଲସ୍ ଗୋଟିଏ, ସବ୍ ଏଡଲଟ୍ କାଓସ୍ ୧୦, ଜୁଭେନାଇଲ୍ (୫-୯ ବର୍ଷ) ୧୫ ଟି ଓ କାଫ୍ ୮ ଟି ରହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ପ୍ରକାଶ ଥାଉ କି, ହାତୀ ଗଣନା ସମୟରେ ବାରିପଦା ସର୍କଲରେ ବାଲେଶ୍ୱର ୱାଇଲଡ୍ ଲାଇଫ୍, ବାରିପଦା, କରଞ୍ଜିଆ, କେନ୍ଦୁଝର ୱାଇଲଡ୍ ଲାଇଫ୍, ରାଇରଙ୍ଗପୁର, ଶିମିଳିପାଳ ନର୍ଥ ଓ ସାଉଥ୍ ଡିଭିଜନ୍ ରହିଥିଲା। ସମୁଦାୟ ବାରିପଦା ସର୍କଲରେ ୪୩୧ ହାତୀ ରହିଛନ୍ତି।

# ସମସ୍ୟା ନେଇ ସୋର ରେଳ ଷ୍ଟେସନର ଅଧିକାରୀଙ୍କ ସହ ଆଲୋଚନା

ସୋର, ୨୭।୬(ସମିସ): ସୋର ନାଗରିକ ମଞ୍ଚର ପ୍ରତିନିଧି ମଣ୍ଡଳୀ ଓ ଦକ୍ଷିଣ ପୂର୍ବ ରେଳ ବିଭାଗ ଅଧୀନ କମରସିଆଲ ଇନସ୍ପେକଟର ସିରାଜଉଦ୍ଦିନ ସାହା, ସୋର ରେଳ ଷ୍ଟେସନର ନୂତନ ଷ୍ଟେସନ ମ୍ୟାନେଜର ବିଜୟ କେତନ ମହାଳିକ, ପୂର୍ବତନ ମ୍ୟାନେଜର ସୁରେନ୍ଦ୍ର ଜେନା ତଥା ନୂତନ ଭାବେ ସୋର ଷ୍ଟେସନରେ ସ୍ଥାପିତ ରେଳ ସୁରକ୍ଷା ବଳ ପୋଷ୍ଟର ସବ ଇନସ୍ପେକଟର ସପନ କୁମାର ହାଜରାଙ୍କୁ ନାଗରିକ ମଞ୍ଚ ତରଫରୁ ପୁଷ୍ପ ଗୁଚ୍ଛ ଦିଆଯାଇ ସ୍ୱାଗତ କରାଯିବା ସହ ଏକ ସୌଜନ୍ୟ ମୂଳକ ସାକ୍ଷାତ ଆଲୋଚନା ହୋଇଯାଇଛି। ଏହି ଆଲୋଚନାରେ ସୋର ରେଳ ଷ୍ଟେସନର ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଷ୍ଟେସନ ପରିସରରେ ମାଦକ ଦ୍ରବ୍ୟ ସେବନକାରୀ ଅସାମାଜିକ ବ୍ୟକ୍ତିମାନଙ୍କ ଉପରେ ରୋକ ଲଗାଇବା, ସଂରକ୍ଷିତ ଟିକେଟ ନେଉଥିବା ଯାତ୍ରୀମାନଙ୍କୁ ସୁରକ୍ଷା ଦେବା, ଷ୍ଟେସନ ପରିସର ସଫା ରଖିବା, ମୋଟର ସାଇକେଲ ପାର୍କିଙ୍ଗକୁ ଶୃଙ୍ଖଳିତ କରିବା, କୋଚ ଇଣ୍ଡିକେଟର ନଲାଗିବା ପର୍ଯ୍ୟନ୍ତ ସ୍ପଷ୍ଟ ଭାବେ କୋଚ ପୋଜିସନ ବାରମ୍ବାର ଘୋଷଣା କରିବା, ନୂତନ ଭାବେ ଚାଲିବାକୁ ଥିବା ବାଲେଶ୍ୱର ମୁମ୍ବାଇ ଟ୍ରେନ ଓ ଦୂରଗାମୀ ସାପ୍ତାହିକ ଟ୍ରେନର ରହଣି, ଲୋକାଲ ଟ୍ରେନଗୁଡିକ ସଠିକ ସମୟରେ ଯାତାୟାତ କରାଇବା, ବାଙ୍ଗିରପୋଷି ଟ୍ରେନର ସଂରକ୍ଷିତ ଟିକେଟ କୋଟା ବାଙ୍ଗିରପୋଷିରୁ କାଟି ସୋରକୁ ଦେବା, ତୁରନ୍ତ ଦ୍ୱିତୀୟ ରେଳ ଫୁଟ ଓଭରବ୍ରିଜ ତଥା ଲିଫ୍ଟ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ଗୁରୁତ୍ୱ ଦିଆ ଯାଇଥିଲା। ଏହି ଆଲୋଚନା ବେଳେ ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତ, ସମ୍ପାଦକ ଡ. ନରହରି ନାୟକ, ମାୟାଧର ନାୟକ, ମନୋଜ କୁମାର ରାୟ, ଦାମୋଦର ଦାଶ ମହାପାତ୍ର, ଉଦ୍ଧବ ଚରଣ ବିଶ୍ୱାଳ, ବାସୁକୃଷ୍ଣ ମହାପାତ୍ର, ଜିତେନ୍ଦ୍ର କୁମାର ବେହେରା, ପ୍ରଫୁଲ୍ଲ ଷଡ଼ଙ୍ଗୀ, ଚକ୍ରଧର ପାଢ଼ୀ ପ୍ରଭୃତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



# ଜିଲ୍ଲା ରକ୍ତଦାତା ସଂଘର ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୨୭।୬(ସମିସ): ଜିଲ୍ଲା ରକ୍ତଦାତା ସଂଘର ବାର୍ଷିକ ସମ୍ମିଳନୀର ଏକ ପ୍ରସ୍ତୁତି ବୈଠକ ସଂଘର ସଭାପତି କମଳ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଜିଲ୍ଲା ରକ୍ତଭଣ୍ଡାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତମାସ ୩୦ ତାରିଖରେ ଦିନ ଓଟି ରୋଡ ସ୍ଥିତ ଏକ ହୋଟେଲ ସଭାଗୃହରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ବୈଠକରେ ସାଧାରଣ ସମ୍ପାଦକ ହୃଷିକେଶ ସାହୁ ଗତବର୍ଷର ବିବରଣୀ ଓ ଅକ୍ଷୟ କୁମାର ତ୍ରିପାଠୀ ଆୟବ୍ୟୟର ବିବରଣୀ ଉପସ୍ଥାପିତ କରିବା ପରେ ତାହା ଅନୁମୋଦନ କରାଯାଇଥିଲା। ଚଳିତବର୍ଷ ସମଗ୍ର ଜିଲ୍ଲାରେ ୫୪୧ଟି ରକ୍ତଦାନ ଶିବିର ଜରିଆରେ ମୋଟ ୩୧ହଜାର୫୮୯ ୟୁନିଟ ରକ୍ତ ସଂଗ୍ରହ କରାଯାଇପାରିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ୱେ ରକ୍ତଦାନ ଶିବିର ଆୟୋଜକ ଓ ସମସ୍ତ ରକ୍ତଦାତାମାନଙ୍କ ପାଇଁ ବୈଠକରେ ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଶହେରୁ ଅଧିକ ୟୁନିଟ ରକ୍ତ ସଂଗ୍ରହ କରିଥିବା ଶିବିର ଆୟୋଜକମାନଙ୍କୁ ଏହି ସମ୍ମିଳନୀ ଅବସରରେ ସମ୍ବର୍ଦ୍ଧିତ କରାଯିବ। ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ସ୍ପନ୍ଦନ'କୁ ଅତିଥିମାନେ ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସମ୍ମିଳନୀର ସଫଳତା ପାଇଁ କର୍ମକର୍ତାମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା ଓ ବିଭିନ୍ନ ବ୍ଲକ କମିଟି ପକ୍ଷରୁ ରାଜେଶ ଗିରି, ଭଗବାନ ମହାନ୍ତି, ସଲିମ ରାଜା, ସୁକୁମାର ରଣା, ସାହିରୁଲ ହକ, ମନୋରଞ୍ଜନ ଦାସ, ବସନ୍ତ ନାୟକ, ସୁଶାନ୍ତ ପଣ୍ଡା, ବିଜୟ ପାତ୍ର, ଗଙ୍ଗାଧର ପୃଷ୍ଟି, ଦେବାଶିଷ ପାଣି, ଅଶୋକ ମିଶ୍ର, ଡ. ଅରୂପ ଦାସ, ପ୍ରଫୁଲ୍ଲ ଦାସ ଓ ଡ. କ୍ଷିତୀଶ୍ୱର ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଶ୍ୱଜିତ ଘୋଷ ଧନ୍ୟବାଦ ଦେଇଥିଲେ।

# ବିଧାୟକଙ୍କ ହସ୍ତକ୍ଷେପ ପରେ ଫେରିଲେ ଡାକ୍ତର

କମର୍ଦ୍ଦା, ୨୭।୬(ସମିସ): ଭୋଗରାଇ ବିଧାୟକଙ୍କ ହସ୍ତକ୍ଷେପ ପରେ ଡେପୁଟେସନରେ ଯାଇଥିବା ୨ଜଣ ଡାକ୍ତର କମର୍ଦ୍ଦା ଡାକ୍ତରଖାନାକୁ ଫେରିଛନ୍ତି। କମର୍ଦ୍ଦା ଡାକ୍ତରଖାନା ରୁପାନ୍ତରୀକରଣ ହେବା ପରେ ଏବେ ୨୪ଘଣ୍ଟିଆ ସେବା ଯୋଗଇବାରେ ସକ୍ଷମ ହୋଇଛି। ହେଲେ ଦୀର୍ଘ ଦିନ ଧରି ଦୁଇଜଣ ଡାକ୍ତରଙ୍କୁ ଡେପୁଟେସନରେ ଜଳେଶ୍ୱର ଡାକ୍ତରଖାନାକୁ ନିଆ ଯାଇଥିଲା। ନିର୍ବାଚନ ପରେ ଗ୍ରାମବାସୀଙ୍କ ତରଫରୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କୁ ଜଣାଇଥିଲେ। ବିଧାୟକ ହସ୍ତକ୍ଷେପ ପରେ ଡାକ୍ତର ଫେରିଛନ୍ତି। ଗ୍ରାମବାସୀଙ୍କ ତରଫରୁ ବିଭିନ୍ନ ସମସ୍ୟା ନେଇ ଏକ ୭ଦଫା ସମ୍ବଳିତ ଦାବି ବାଲେଶ୍ୱର ଜିଲ୍ଲାପାଳଙ୍କୁ ଭେଟି ଜଣାଇଛନ୍ତି। ଦାବି ଗୁଡ଼ିକ ହେଲା ଡାକ୍ତରଖାନାକୁ ଡିଡିଓ ମାନ୍ୟାତା, ସମସ୍ତ ସ୍ପେଶାଲିଷ୍ଟ ପଦବୀ ପୂରଣ, ସମସ୍ତ ଷ୍ଟାଫନର୍ସ ପଦବୀ ପୂରଣ ସହିତ ୭ଦଫା ଦାବି ଲିଖିତ ଦେଇଛନ୍ତି। ସମସ୍ତ ଦାବି ପୂରଣ ହେବା ସହିତ ଭୋଗରାଇର ସମସ୍ତ ଡାକ୍ତରଖାନାର ସମସ୍ୟା ସମାଧାନ ହେବ ବୋଲି ବିଧାୟକ ଶ୍ରୀ ଦାସ କହିଛନ୍ତି।

# ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ପାଳିତ




ଚୌକି, ୨୭।୬(ସମିସ): ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚଏସ) ରେ ଆଜି ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର କେଦାରସିଂ ଦାସ ଉଦଘାଟନ କରିଥିଲେ। ଏହି ଅବସରରେ ଶତାଧିକ ଜାତୀୟ ସେବା ଯୋଜନାରେ ସମ୍ପୃକ୍ତ ଛାତ୍ରଛାତ୍ରୀ ମାନେ ସମାଜରୁ ନିଶାକୁ ବନ୍ଦ କରିବା ପାଇଁ ଏକ ଶୋଭାଯାତ୍ରାରେ ବିଭିନ୍ନ ପ୍ରକାର ପ୍ଲାକାର୍ଡ ଧରି ସ୍ଲୋଗାନ ମାଧ୍ୟମରେ ସଚେତନତାର ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ବ୍ରଜବିହାରୀ ପତି ପରିଚାଳନା କରିଥିବା ବେଳେ ଅଧ୍ୟାପକ ଜଗଦୀଶ ଚନ୍ଦ୍ର ଗିରି, ତ୍ରିବେଣୀ ଧଡ଼ା, ଡ. ଧୀରେନ୍ଦ୍ର କୁମାର ଜେନା, ଯୁଗଜ୍ୟୋତି ଚାନ୍ଦ, ହରେନ୍ଦ୍ର ନାରାୟଣ ବେହେରା, ଶୁଚିସ୍ମିତା କର ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

# ପୂର୍ତ୍ତ କାର୍ଯ୍ୟାଳୟରୁ ବାଇକ୍ ଚୋରି

ସୋର, ୨୭।୬(ସମିସ): ସୋର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସରରୁ ଆଜି ଅପରାହ୍ନରେ ଏକ ବାଇକ ଚୋରି ହୋଇଯାଇଛି। ସୋର ଥାନା ମୋବାରକପୁର ଗ୍ରାମର ସଞ୍ଜୀବ କୁମାର ସିଂ ସୋର ପୂର୍ତ୍ତ ବିଭାଗରେ କେସିୟର ଭାବେ କାମ କରନ୍ତି। ପ୍ରତିଦିନ ଭଳି ଆଜି ତାଙ୍କର ବାଇକଟିକୁ କାର୍ଯ୍ୟାଳୟ ପରିସରରେ ରଖିଥିଲେ। ମାତ୍ର କାର୍ଯ୍ୟାଳୟରୁ ବାହାରିବା ସମୟରେ ଗାଡିଟିକୁ ରଖିଥିବା ସ୍ଥାନରେ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଗାଡିଟି ଚୋରି ହୋଇଥିବା ଜାଣିପାରି ସୋର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ମୂଳେ ଘଟଣାର ତଦନ୍ତ ଆରମ୍ଭ କରିଛି।




# ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ଓଡ଼ିଶାର ଦ୍ୱିତୀୟ ଶ୍ରେଷ୍ଠ ସରକାରୀ କନିଷ୍ଠ ମହାବିଦ୍ୟାଳୟ

ବାଲେଶ୍ୱର, ୨୭।୬(ସମିସ): ସଂସ୍କୃତି, ସାହିତ୍ୟ ଓ ପରମ୍ପରାର ନିବିଡ ପବିତ୍ର ମିଳନ ସେତୁରେ ଓଡ଼ିଶାରେ ଉଚ୍ଚ ମାଧ୍ୟମିକ ଶିକ୍ଷାର ବିକାଶ ପାଇଁ ୧୯୪୪ ମସିହାରେ ପ୍ରତିଷ୍ଠିତ ହୋଇଥିବା ବାଲେଶ୍ୱର ଜିଲ୍ଲାର ମିଶାଇଲ ସହରରେ ଅବସ୍ଥିତ ଓଡ଼ିଶାର ଅତି ପୁରାତନ ପ୍ରସିଦ୍ଧ ସରକାରୀ କନିଷ୍ଠ ମହାବିଦ୍ୟାଳୟ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ। ୨୦୨୩ ମସିହାରେ ଓଡ଼ିଶାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର +୨ କାଉନସିଲ ପରୀକ୍ଷାର ହାରାହାରି ପରୀକ୍ଷାର ଫଳାଫଳରେ ସମଗ୍ର ରାଜ୍ୟରେ ସରକାରୀ କନିଷ୍ଠ ମହାବିଦ୍ୟାଳୟ ସ୍ତରରେ ଦ୍ୱିତୀୟ ଶ୍ରେଷ୍ଠ କନିଷ୍ଠ ମହାବିଦ୍ୟାଳୟ ଭାବେ ନିଜର ସ୍ଥାନ ଏଯାବତ ବଜାୟ ରଖିଛି। ନିଜସ୍ୱ ନଥିବା ନିର୍ଦ୍ଦିଷ୍ଟ ଭୌଗୋଳିକ ଭିତ୍ତିଭୂମିରେ ସ୍ୱତନ୍ତ୍ରତା ଜାହିର କରିବା ପାଇଁ ସର୍ବଦା ସଂଘର୍ଷରତ ଶିକ୍ଷାନୁଷ୍ଠାନ ଭାବେ ନିଜର ଶୈକ୍ଷିକ ବାତାବରଣରେ ଏକ ନବଜାଗରଣର ପ୍ରୟାସରେ ଛାତ୍ରଛାତ୍ରୀମାନଙ୍କୁ ସର୍ବଦା ଶ୍ରେଷ୍ଠତ୍ୱ ଦେଇଆସିଛି। ଚଳିତ ଶିକ୍ଷାବର୍ଷ ୨୦୨୪ ର +୨ କାଉନସିଲ ପରୀକ୍ଷାରେ ମଧ୍ୟ ଏହାର ଛାତ୍ରଛାତ୍ରୀମାନେ ନିଜର ଶ୍ରେଷ୍ଠତ୍ୱ ବଜାୟ ରଖିଛନ୍ତି। ଚଳିତ ବର୍ଷ +୨ କାଉନସିଲ ପରୀକ୍ଷାର ଫଳାଫଳରେ କଳାରେ ଶୁଭଶ୍ରୀ ଦାସ ୫୫୨ ମାର୍କ ରଖି ଜିଲ୍ଲା ଟପର ହେବା ସହିତ ଉତ୍ତରଓଡ଼ିଶା ଟପର ଓ ସମଗ୍ର ରାଜ୍ୟରେ ୬ଷ୍ଠ ସ୍ଥାନ ହାସଲ କରିଛନ୍ତି। ତାଙ୍କ ପରେ ଗାୟତ୍ରୀ ଶଙ୍ଖୁଆ ୫୪୦ ମାର୍କ ରଖି କଳାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଧନ୍ଦା ମୂଳକ ଶିକ୍ଷାରେ ରାଜ କିଶୋର ଦାସ ୫୨୯ ମାର୍କ ରଖି ଜିଲ୍ଲା ଟପର, ଉତ୍ତର ଓଡ଼ିଶା ଟପର ହେବା ସହ ସମଗ୍ର ଓଡ଼ିଶାରେ ରାଜ୍ୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ବାଣିଜ୍ୟରେ ଅନିଶା ଝା ଓ ଆଶିକି ମହାନ୍ତି ଯୁଗ୍ମ ଭାବେ ୫୬୩ ମାର୍କ ରଖି ଜିଲ୍ଲା ଟପର, ଉତ୍ତର ଓଡ଼ିଶା ଟପର ହେବା ସହ ସମଗ୍ର ଓଡ଼ିଶାରେ ରାଜ୍ୟ ସ୍ତରରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ତାଙ୍କ ତଳକୁ କାରୁ ମାରାଣ୍ଡି ୫୫୧ ମାର୍କ, ବିନିତ ବାରିକ ୫୪୬ ମାର୍କ ଓ ଦେବାଶିଷ ପଣ୍ଡା ୫୪୧ ମାର୍କ ରଖି କଲେଜର ଗୌରବ କୁ ଦୁଇ ଗୁଣିତ କରିଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ପ୍ରଜ୍ଞା ପରମିତା ଗିରି ୫୫୮ ମାର୍କ, ପାର୍ଥ ସାରଥୀ ତ୍ରିପାଠୀ ୫୫୭ ମାର୍କ ଓ ପି ଜ୍ୟୋତିକା ଧାନୀ ୫୫୬ ମାର୍କ ରଖି ରାଜ୍ୟସ୍ତରରେ ଶ୍ରେଷ୍ଠ ଟପରଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସେଥିପାଇଁ ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ରଣା, ପୂର୍ବତନ ଅଧକ୍ଷ ଡକ୍ଟର ଭାଗବତ ଭୂୟାଁ, ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ରାଉତ, ଏକାଡେମୀକର ଅଧ୍ୟାପିକା ସୋନାଲିସା ମହାନ୍ତି, ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଅଞ୍ଜନା ବେହେରା, ନୋଡାଲ ନାମଲେଖା ଅଧିକାରୀ ଡକ୍ଟର ତପସ୍?ନୀ ନାଏକ, ସହ ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀ ନାରାୟଣ ନାୟକ, ଆକାଉଣ୍ଟ ବର୍ଷାର କୁଞ୍ଜ ବିହାରୀ ମହାନ୍ତି, ସେକ୍ସନ ଅଧିକାରୀ ବଳରାମ ନାଏକଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଆହୁରି ଆଗକୁ ଯାଇ ମହାବିଦ୍ୟାଳୟର ଗୌରବକୁ ଅକ୍ଷୁର୍ଣ୍ଣ ରଖିବାକୁ ପ୍ରେରଣା ଦେଇଛନ୍ତି।



# ପିଇବା ପାଣି ପାଇଁ ବେଗୁନିଆ ଗ୍ରାମବାସୀ ଡହକବିକଳ



ଓଭରହେଡ ପାଣି ଟାଙ୍କି କାର୍ଯ୍ୟକ୍ଷମ ଦାବି

ରାଇବଣିଆ, ୨୭।୬ (ସମିସ): ଲୋକେ କିପରି ଭାବରେ ଘରେ ଘରେ ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ ସେ ଉପରେ ସରକାର ପଦକ୍ଷେପ ନେଉଛନ୍ତି। ହେଲେ ସରକାରୀ ବାବୁମାନେ ଯୋଜନାର ସଫଳ ରୂପାୟନ ହେଉଛି କି ନାହିଁ ତା'ର ତଦାରଖ କରୁ ନାହାଁନ୍ତି। ଫଳରେ ଜନସାଧାରଣ ଯୋଜନାର ଲାଭ ପାଇପାରୁ ନାହାନ୍ତି।

ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଶ୍ୟାମନଗର ଗ୍ରାମ ପଞ୍ଚାୟତର ୫ନମ୍ବର ୱାର୍ଡ ବେଗୁନିଆ ଗ୍ରାମରେ ଦୀର୍ଘ ପାଞ୍ଚ ମାସ ହେବ ପିଇବା ପାଣିରୁ ବଞ୍ଚିତ ଅଛନ୍ତି। ୧୧୦ପରିବାରର ପାଖାପାଖି ୭୦୦ ଲୋକ ଦୀର୍ଘଦିନ ଧରି ପାଣି ପାଇପାରିନାହିଁ। ଯାହା ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏହି ପଞ୍ଚାୟତଟି ଏକ ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତ ହୋଇଥିବାରୁ ଏଠାରେ କାହାରି ନଜର ପଡୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗାଁର ଏହି ଗ୍ରାମ ଲୋକେମାନେ ପାଣି ଟୋପାଏ ପାଇଁ ପୋଖରୀ, ଗଡ଼ିଆ ପାଣି ନହେଲେ ଆଖ ପାଖ ଚାଷ ପାଇଁ ହୋଇ ଥିବା ସୋଲାର ପଏଣ୍ଟ ଉପରେ ଭରସା କରୁଛନ୍ତି। ଫଳରେ ଦୂଷିତ ପାଣି ପିଇ ଲୋକେ ରୋଗାକ୍ରାନ୍ତ ହେଉଛନ୍ତି। ଗ୍ରାମରେ ପିଇବା ପାଣି ଯୋଗାଇବାକୁ ରବୀନ୍ଦ୍ର ଦେ, ଶଶଧର ସାସମଲ, ୱାର୍ଡମେମ୍ବର ଶ୍ରୀକାନ୍ତ ପାଲ୍, ପ୍ରଦିପ ସାମଲ, ଅଶୋକ ସାମଲ, ହିମାଂଶୁ ଗାନ୍ଧୀ, ମଧୁସୂଦନ ନାୟକ, ରବୀନ୍ଦ୍ର ଭକ୍ତା ସହିତ ଅନେକ ଗ୍ରାମବାସୀ ଦାବି କରିଛନ୍ତି। ଖୁବଶୀଘ୍ର ପିଇବା ପାଣିର ସୁବିଧା ସହିତ ଓଭର ହେଡ ପାଣି ଟାଙ୍କି କାର୍ଯ୍ୟକ୍ଷମ ନ ହୁଏ ତେବେ ବିଭାଗୀୟ କାର୍ଯ୍ୟାଳୟ ଆଗରେ ଧାରଣା ବସିବା ସହିତ ଅଫିସ ଅଚଳ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ବିଭାଗୀୟ ଅଧିକାରୀ ଶେଷଧର ନାଗଙ୍କୁ ପଚାରିବାରୁ ସେ କହିଥିଲେ ଆସନ୍ତା ତିନିଦିନ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବ।

## ନିରାଶ୍ରୟ ପରିବାରକୁ ସହାୟତା ଦେଲେ ସ୍ୱେଚ୍ଛାସେବୀ



ଜଳେଶ୍ୱର ବ୍ଲକ, ୨୭।୬ (ସମିସ): ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଅନ୍ତର୍ଗତ ରଘୁନାଥପୁର ଗ୍ରାମ ପଞ୍ଚାୟତସ୍ଥିତ ଗିଲାଯୁଡ଼ି ଗ୍ରାମର ପଞ୍ଚାନନ ମାହାଲ ଦୁର୍ଘଟଣା ଜନିତ ଗୋଟିଏ ଗୋଡ଼ ହରାଇଥିଲେ। ତାଙ୍କର ଗୋଟିଏ ପୁଅ ଏବଂ ସ୍ତ୍ରୀ ଅଛନ୍ତି। ଗୋଟିଏ ଦିନରେ ଗୋଟିଏ ଓଳି ଚୁଲି ଜଳେ। ଏହି ଖବର ଜଳେଶ୍ୱରସ୍ଥିତ ଉତ୍କଳ ଜନନୀ ସେବା ସଂଗଠନ ପରିବାର ପାଖରେ ପହଞ୍ଚିବା ପରେ ସଂଗଠନ ପକ୍ଷରୁ ସଙ୍ଗେ ସଙ୍ଗେ ୬ ମାସର ରାସନ ସାମଗ୍ରୀ, ମୁଢି, ଚାଉଳ, ଚୁଡ଼ା, ନୂତନ ବସ୍ତ୍ର, ପାଠ୍ୟ ସାମଗ୍ରୀ ଏବଂ ମେଡ଼ିସିନ ପାଇଁ ନଗଦ ଦୁଇ ଟଙ୍କା ପ୍ରଦାନ କରା ଯାଇଛି। ସଂଗଠନର ସଭାପତି ହେମନ୍ତ କୁମାର ଜେନା, ଗଗନ ବିହାରୀ ସାହୁ, ନବୀନ ବଡୁ, ଗୌରବ ବେହେରା, ବବିତା ଜେନା, ସୁମତି ସାହୁ, ରାକେଶ ସେନାପତି, ବନମାଳୀ ଜେନା, ମୁନା ଜେନା, ସୀତାରାମ ଦାସ, ସତ୍ୟ ଜେନା ଉମେଶ ଜେନା, ଗଣେଶ ଚନ୍ଦ୍ର ଜେନା, ସତ୍ୟନାଥ ଦାସ, ଶ୍ରୀତମ ଜେନା, ଦୀପକ ଜେନା, ତପନ ରଣବାଜ ବିଶ୍ୱ ଭୂଷଣ ନନ୍ଦ ପ୍ରମୁଖ ତାଙ୍କ ଘରେ ଉପସ୍ଥିତ ହୋଇ ସମସ୍ତ ସାମଗ୍ରୀ ପ୍ରଦାନ କରିଥିଲେ। ସଂଗଠନର ଏତାଦୃଶ୍ୟ କାର୍ଯ୍ୟକ୍ରମକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

# ଶ୍ରୀରାମପୁର ପଞ୍ଚାୟତର ସିଆରପିଙ୍କ ମୃତ୍ୟୁ



ଜଳେଶ୍ୱର ବ୍ଲକ, ୨୭।୬ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ସୁଦକ୍ଷ ସିଆରପି ସବିତା ରାଣୀ ମଲ୍ଲିକ (୪୩) ଦୀର୍ଘ ୩ ମାସ ଧରି ଜ୍ୱରରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଜ୍ୱର ଭଲ ନ ହୋଇ ଅଧିକ ଆକ୍ରାନ୍ତ ହେବାରୁ ଗତ ୯ ତାରିଖ ବାଲେଶ୍ୱର ଜିଲ୍ଲା ହସପିଟାଲରେ ଭର୍ତ୍ତି କରାଯାଇଥିଲା। ୫ ଦିନ ଚିକିତ୍ସା ଚାଲିଥିବା ବେଳେ ଭଲ ନ ହେବାରୁ ରେମୁଣା ସ୍ଥିତ ବାଲେଶ୍ୱର ମେଡିକାଲ କଲେଜରେ ଭର୍ତ୍ତି କରା ଯାଇଥିଲା। ୪ ଦିନ ଚିକିତ୍ସା ପରେ ଅଧିକ ଚିକିତ୍ସା ଆବଶ୍ୟକ ପଡ଼ିବାରୁ ସବିତାଙ୍କୁ କଟକ ବଡ଼ ମେଡିକାଲକୁ ପଠା ଯାଇଥିଲା। ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ଜଣା ପଡ଼ିଲା ଯେ, ତାଙ୍କୁ ମେରୁଦଣ୍ଡ ଟିବି ଓ ବ୍ରେନ୍ ଟ୍ୟୁମର ହୋଇଛି। କଟକ ବଡ଼ ଡାକ୍ତରଖାନାରେ ମଧ୍ୟ ୩ ଦିନ ଚିକିତ୍ସା ପରେ ସୁଫଳ ନ ମିଳିବାରୁ ଭୁବନେଶ୍ୱରସ୍ଥିତ ସମ୍ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୬ ଦିନ ମୃତ୍ୟୁ ସହ ସଙ୍ଘର୍ଷ ପରେ ଗତ କାଲି ବୁଧବାର ରାତି ୧୨ ଟା ୩୦ ମିନିଟ ସମୟରେ ତାଙ୍କର ମୃତ୍ୟୁ ଘଟିଛି। ଏହି ସମୟରେ ତାଙ୍କ ପାଖରେ ସ୍ୱାମୀ ଜାନକୀ ବଲ୍ଲଭ ମଲ୍ଲିକ, ସବିତାଙ୍କ ଭାଇ ଭାଉଜ, ଦେଢ଼ଶୁର ଗଜେନ୍ଦ୍ର ନାଥ ମଲ୍ଲିକ ଉପସ୍ଥିତ ଥିଲେ। ମୃତ ସବିତାଙ୍କ ଦୁଇ ଜଣ ସନ୍ତାନ ମଧ୍ୟରୁ ଝିଅ ଆଦ୍ୟାଶା ୧୮ ବର୍ଷ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷରେ ପଢୁଥିବା ବେଳେ ପୁଅ ସୁମନ ୧୫ ବର୍ଷ ଦଶମ ଶ୍ରେଣୀରେ ପଢୁଛି।

ସବିତାରାଣୀଙ୍କ ମୃତ୍ୟୁ ଖବର ପାଇ ସରପଞ୍ଚ ଆଲୋକ କୁମାର ଗିରି, ସମିତି ସଭ୍ୟ ଗୋପାଳ ଚନ୍ଦ୍ର ସାମଲ, ଅଲ୍ ଓଡ଼ିଶା ଜିପିଏଲଏଫ୍ ସଂଘର ଜଳେଶ୍ୱର ବ୍ଲକ ସଭାପତି ଶାନ୍ତିଲତା ବେହେରା, ଉପ ସଭାପତି ଚନ୍ଦନ ସାସମଲ୍, ଉପଦେଷ୍ଟା ନିତ୍ୟାନନ୍ଦ ଘୋଷ, ଲିଡର ଭାରତୀ ସାହୁ, ସୁବର୍ଣ୍ଣ ସାମଲ, ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ଏମ୍ବିକେ ସୁହାଗୀ ହାଁସଦା, କୃଷିମିତ୍ର ରବିତା ପଞ୍ଚାୟତ ଓ ଶ୍ରୀରାମପୁର, ଡିପିପୁର, ଗୋବରଘାଟା ଓ ଲକ୍ଷ୍ମଣନାଥ ଗ୍ରାମ ପଞ୍ଚାୟତର ବହୁ ଏମ୍ବିକେ, ବ୍ୟାଙ୍କମିତ୍ର, ସିଆରପି, କୃଷିମିତ୍ର, ପ୍ରାଣୀ ମିତ୍ର ଉପସ୍ଥିତ ହୋଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଗ୍ରାମ ପାଖ ସୁବର୍ଣ୍ଣରେଖା ନଦୀ କୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁଅ ସୁମନ ମୁଖାଗ୍ନି ଦେଇଥିଲେ।

# ଜଳେଶ୍ୱରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର



ଜଳେଶ୍ୱର ବ୍ଲକ/ରାଇବଣିଆ, ୨୭।୬ (ସମିସ): ଜଳେଶ୍ୱରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଜଳେଶ୍ୱର ବିଜେପିର ଏକ ପ୍ରତିନିଧି ଦଳ ଉପସ୍ଥିତ ହୋଇ ସାକ୍ଷାତ୍ ଆଲୋଚନା ସହ ଏକ ଦାବିପତ୍ର ପ୍ରଦାନ କରା ଯାଇଛି। ଜଳେଶ୍ୱରର ଛାତ୍ରଛାତ୍ରୀଙ୍କ ଉନ୍ନତ ଶିକ୍ଷା ପାଇଁ ଆବଶ୍ୟକତାକୁ ଅନୁଭବ କରି କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଲିଖିତ ଦାବିପତ୍ର କରା ଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଉକ୍ତ ଦାବିପତ୍ରକୁ ଗ୍ରହଣ କରି ଜଳେଶ୍ୱରରେ କେନ୍ଦ୍ରୀୟ ବିଦ୍ୟାଳୟର ଆବଶ୍ୟକତା ଥିବାର ହୃଦବୋଧ କରି କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବେ ବୋଲି ପ୍ରତିଶ୍ରୁତି ଦେଲେ ପଦକ୍ଷେପ ଗ୍ରହଣ କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ଆରମ୍ଭ ହେବ ବୋଲି କହିଥିଲେ। ଜଳେଶ୍ୱର ଓ ଉତ୍ତର ବାଲେଶ୍ୱରବାସୀଙ୍କ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଜନିତ ସରକାରୀ ନୀତି ନିୟମ ମୁତାବକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ସାଂସଦଙ୍କ ସହ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନ, ଯୁବନେତା କାଳୀଚରଣ ଦାସ, ସତ୍ୟ ଶୋଭନ ମିଶ୍ର, ରାସ ବିହାରି ରଣା, ଚନ୍ଦନ କୁମାର କର, ବାପି ମହାନ୍ତି ଓ ତପନ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ କରତକଳ ଉପରେ ବନ ବିଭାଗର ଚଢ଼ଉ




ସିମୁଳିଆ, ୨୭।୬(ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମାର୍କୋଣା ପଞ୍ଚାୟତ ଗାଁ ମାର୍କୋଣା ଗ୍ରାମ ରାସ୍ତା ପାର୍ଶ୍ୱରେ ଏକ ବେଆଇନ କରତ କଳ ଉପରେ ବାଲେଶ୍ୱର ଡିଏଫଓଙ୍କ ନିର୍ଦ୍ଦେଶ କ୍ରମେ ଚାନ୍ଦିପୁର ଏସିଏଫ ରାମଚନ୍ଦ୍ର ମୁର୍ମୁଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା। କୁଲଡ଼ିହା ଏସିଏଫ ପ୍ରବୀର କୁମାର ମୁର୍ମୁ, ଚାନ୍ଦିପୁର ଏସିଏଫ ଜୟଶ୍ରୀ ମୁର୍ମୁ.ଓ ସୋର ତହସିଲଦାର ଜଗନ୍ନାଥ ବେହେରାଙ୍କ ଉପସ୍ଥିତିରେ ଫରେଷ୍ଟର ଦେବରାଜ ରାଉତ, ପଞ୍ଚୁଲିଙ୍ଗେଶ୍ୱର ଭାଗ୍ୟଶ୍ରୀ ଦ୍ୱିବେଦୀଙ୍କ ସମେତ ସିମୁଳିଆ ପୁଲିସ ସନ୍ତୋଷ କୁମାର ବିଶ୍ୱାଳ. ହାବିଲଦାର ଧନେଶ୍ୱର କିସ୍କୋ ହିମାଂଶୁ ପାଢ଼ୀ. ମଞ୍ଜୁଲତା ପ୍ରଧାନ ଓ ମଙ୍ଗଳ ମୁର୍ମୁ. ସକାଳ ୬.୩୦ ମିନିଟ ସମୟରେ ଅଚାନକ ବେଆଇନ କରତ କଳ ଉପରେ ଚଢ଼ଉ କରି ଡୋଜର ଯୋଗେ କାଠ କାଟୁଥିବା ଆଜବେଷ୍ଟସ ଘରଟିକୁ ଭାଙ୍ଗି ଦେଇଥିଲେ। ମିଲରେ ପଡ଼ିଥିବା କାଠ ଗଣ୍ଡିକୁ ତିନିଟି ପିକଅପ ଗାଡି ଯୋଗେ ନେଇଛନ୍ତି। ଏହାର ହାରାହାରି ଆନୁମାନିକ ମୂଲ୍ୟ ୫ ଲକ୍ଷରୁ ୭ ଲକ୍ଷ ଟଙ୍କା ହେବ ବୋଲି ଏସିଏଫ କହିଛନ୍ତି।

# ତିନିଦିବସୀୟ ଯୋଗ ଶିବିର ଉଦ୍‌ଘାଟିତ



ରାଇବଣିଆ/ଜଳେଶ୍ୱର ବ୍ଲକ, ୨୭।୬ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଦିଆମାଝୀସାହି ଗ୍ରାମ ପଞ୍ଚାୟତର ମୁଣ୍ଡତୁଣିଆ ଗ୍ରାମର କବି ଦିନକୃଷ୍ଣ ସ୍ମୃତିପୀଠରେ ତିନି ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଯୋଗ ଶିବିର ଉଦଘାଟିତ ହୋଇଯାଇଛି। ଭାରତ ତଥା ବିଶ୍ୱର ଅନନ୍ୟ ଯୋଗଗୁରୁ ବାବା ରାମଦେବଙ୍କ ଶିଷ୍ୟ ତଥା ପତଞ୍ଜଳି ଯୁବଭାରତର କେନ୍ଦ୍ରୀୟ ପ୍ରଭାରୀ ସ୍ୱାମୀ ଆଦିତ୍ୟ ଦେବଙ୍କ ସାନିଧ୍ୟରେ ସକାଳ ୫ ଘଟିକାରୁ ୭ ଘଟିକା ପର୍ଯ୍ୟନ୍ତ ଯୋଗାସନ ଏବଂ ପ୍ରାଣାୟାମ ପ୍ରଶିକ୍ଷଣ ଦିଆଯାଇଥିଲା। ପତଞ୍ଜଳି ଯୁବଭାରତ ରାଜ୍ୟ ପ୍ରଭାରୀ ଅମୃତାଂଶୁ ପ୍ରଧାନ, ଜିଲ୍ଲା ପ୍ରଭାରୀ ମନୋଜ କୁମାର ଦେ, ଭାରତ ସ୍ୱାଭିମାନ ଜିଲ୍ଲା ପ୍ରଭାରୀ କରୁଣାକର ଶିଅଳ, ମହିଳା ପ୍ରଭାରୀ ଯଶୋମତି ଶିଅଳ, କାର୍ଯ୍ୟକାରିଣୀ ସଦସ୍ୟ ମୁକ୍ତିକାନ୍ତ ପାଣିଗ୍ରାହୀ, କମଳାକାନ୍ତ ତ୍ରିପାଠୀ, ଗୋପଗୋବିନ୍ଦ ମଲ୍ଲିକ, ତପନ ସାହୁ, ଦୀପକ ସାହୁ, ବିପ୍ଳବ ପ୍ରଧାନ, ସନ୍ତୋଷ ସାହୁ, ସୁଶାନ୍ତ ଘୋଷ, ନନ୍ଦିନୀ ସାହୁ ପ୍ରମୁଖଙ୍କ ସହଯୋଗରେ ମୁଣ୍ଡତୁଣିଆଠାରେ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଶତାଧିକ ଲୋକ ଉକ୍ତ ଶିବିରରେ ଯୋଗଦାନ କରି ଯୋଗ ଶିକ୍ଷା ଲାଭ କରିବା ସହ ବିଭିନ୍ନ ରୋଗ ପାଇଁ ପରାମର୍ଶ ଗ୍ରହଣ କରିଥିଲେ। ଏତତ ବ୍ୟତିତ ଶାଳବଣି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଓ ଓଲମରା ସୀମାନ୍ତ ମହାବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁ ମନ୍ଦିର ଜଳେଶ୍ୱରଠାରେ ମଧ୍ୟ ଯୋଗ ଶିବିର ଆୟୋଜନ କରାଯାଇଥିଲା।

# ବିଧାୟିକାଙ୍କ ବସ୍ତା ବ୍ଲକ୍ ପରିଦର୍ଶନ



ବସ୍ତା, ୨୭।୬ (ସମିସ): ଆକ୍ସନ ମୋଡ୍‌ରେ ବସ୍ତାର ନବ ନିର୍ବାଚିତା ବିଧାୟିକା ସୁବାସିନୀ ଜେନା। ବିଧାନସଭାରୁ ଶପଥ ଗ୍ରହଣ କରି ଫେରିବା ପରେ ବିଧାୟିକା ଶ୍ରୀମତୀ ଜେନା ଗୁରୁବାର ବସ୍ତା ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରି ବସ୍ତା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋହିନୀ କୁମାର ନାୟକଙ୍କ ସମେତ ବିଭାଗୀୟ ପଦାଧିକାରୀ ବୃନ୍ଦଙ୍କୁ ସାକ୍ଷାତ କରି ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ବ୍ଲକର ୧୭ଟି ପଞ୍ଚାୟତ ଜନସାଧାରଣଙ୍କର ମୌଳିକ ସମସ୍ୟା ଗୁଡିକର କିଭଳି ତ୍ୱରିତ ସମାଧାନ ହୋଇପାରିବ ସେଥିପ୍ରତି ଯତ୍ନବାନ ହେବା ସହ, ଅଞ୍ଚଳର ଉନ୍ନତି ପାଇଁ ଦଳଗତ ନିର୍ବିଶେଷରେ ସମସ୍ତେ ମିଳିମିଶି ଏକାଠି କାମ କରିବା ନେଇ ଆଲୋଚନା କରିଥିଲେ। ଏହାସହ ସମସ୍ତ ବିଭାଗକୁ ନେଇ ଏକ ସମୀକ୍ଷା ବୈଠକର ଆୟୋଜନ ପାଇଁ ବିଡ଼ିଓଙ୍କୁ ଜଣାଇଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ, ବିଜେଡ଼ି ବ୍ଲକ ସଭାପତି ଅନିଲ କୁମାର ମହାନ୍ତିଙ୍କ ସମେତ ସମସ୍ତ ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି ଓ ବରିଷ୍ଠ ଦଳୀୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳେଶ୍ୱର କଂଗ୍ରେସର ସମୀକ୍ଷା ବୈଠକ



ଜଳେଶ୍ୱର ବ୍ଲକ, ୨୭।୬ (ସମିସ): ବୁଧବାର ସନ୍ଧ୍ୟାରେ ଜଳେଶ୍ୱର ନୂଆ ବଜାରସ୍ଥିତ ଭଞ୍ଜ ଭବନରେ ପୂର୍ବତନ ପିସିସି ସଭ୍ୟ ଲକ୍ଷ୍ମୀକାନ୍ତ କରଙ୍କ ଅଧ୍ୟକ୍ଷତାରେ ଜଳେଶ୍ୱର କଂଗ୍ରେସର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ସାଧାରଣ ନିର୍ବାଚନରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଏକ ନୈରାଶ୍ୟଜନକ ପରିସ୍ଥିତିରେ ପହଞ୍ଚି ଯାଇଛି। ଯାହା ଫଳରେ ଜଳେଶ୍ୱରର କଂଗ୍ରେସ କର୍ମୀମାନେ ମାନସିକ ଭାବେ ଆଘାତ ପାଇବା ସହିତ ଭାଙ୍ଗି ପଡ଼ିଛନ୍ତି। ତେଣୁ ଏହି ପରିଣତ ବୟସରେ ଜଣେ ଆଜୀବନ କଂଗ୍ରେସ କର୍ମୀ ହିସାବରେ ମୁଁ ଜୀବିତ ଅବସ୍ଥାରେ କଂଗ୍ରେସକୁ ଆଉ ଥରେ ସଂଗଠିତ କରି କଂଗ୍ରେସ କର୍ମୀଙ୍କ ଆତ୍ମସମ୍ମାନ ଫେରାଇ ଆଣିବା। ଆସନ୍ତୁ କେହି କାହାରିକୁ ଦୋଷାରୋପ ନ କରି ପୁଣି ଥରେ ଏକତ୍ରିତ ହୋଇ ଜଳେଶ୍ୱର କଂଗ୍ରେସ ଦଳର ହଜି ଯାଇଥିବା ସମ୍ମାନ ଫେରାଇ ଆଣିବା ସହିତ ରାହୁଲ ଗାନ୍ଧୀଙ୍କ ସମ୍ବିଧାନ ବଞ୍ଚାଓ ଓ ସଂଗ୍ରାମରେ ତାଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଜୀବନର ଅପରାହ୍ନରେ ଏତିକି ମୋର ନିବେଦନ ବୋଲି ପୂର୍ବତନ ପିସିସି ସଭ୍ୟ ଲକ୍ଷ୍ମୀକାନ୍ତ କର ଦୁଃଖ ସହକାରେ ପ୍ରକାଶ କରିଛନ୍ତି। ଖୁବ୍‌ଶୀଘ୍ର ଜଳେଶ୍ୱରରେ ନୂତନ କଂଗ୍ରେସ ନେତୃତ୍ୱ ଗଠନ କରି ଆଗାମୀ ପଞ୍ଚାୟତ ନିର୍ବାଚନକୁ ସାମ୍ନା କରାଯିବା ସହିତ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ୪୯ ଟି ପଞ୍ଚାୟତକୁ ଯିବା ସହିତ ପ୍ରତ୍ୟେକ ଗ୍ରାମକୁ ଯାଇ କେମିତି କଂଗ୍ରେସର ସଂଗଠନ ଦୃଢ଼ ହୋଇ ପାରିବ ସେଥି ପ୍ରତି ଯତ୍ନବାନ ହେବାକୁ ପଡ଼ିବ ବୋଲି ଉକ୍ତ ବୈଠକରେ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚନ୍ଦ, ବରିଷ୍ଠ କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜୀବୀ ସତ୍ୟ ସୁନ୍ଦର ଦାସ, ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡ଼ା, ନଗର କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ, ପ୍ରାକ୍ତନ ସରପଞ୍ଚ ତଥା ବରିଷ୍ଠ କଂଗ୍ରେସ ନେତା ଚିତ୍ତରଞ୍ଜନ ପରିଡ଼ା ଅତିଥି ଭାବେ ଯୋଗଦେଇ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ। ବିଭିନ୍ନ ପଞ୍ଚାୟତର ନେତୃମଣ୍ଡଳୀ ମାନେ ଉକ୍ତ ବୈଠକରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସୁକୁମାର ଘୋଷ, କଂଗ୍ରେସର ଯୁବ ନେତା ମଧୁସୂଦନ ଦାସ, ସରୋଜ ଦାସ, ଫିରୋଜ ଖାଁ, ଜାବିର ଅହମ୍ମଦ, ଅହିଦ ଖାଁ, ଇନତାଜ ଖାଁ, ସପନ ଜେନା, ଜିତେନ୍ଦ୍ର ଦାସ ମହାପାତ୍ର, କ୍ଷୀତିଶ ଘୋଷ, ଅନୁପ ପରିଡ଼ା, ଆକବର ସାହା, ସପନ କୁମାର ରାଉତ, ଅଜିତ ସେଠୀ, ହରିଶଙ୍କର ଜେନା, ଖଗେନ୍ଦ୍ର ଜେନା, ଆଶିଷ ଘୋଷ, ରାଜେଶ ସାସମଲ, ବଳରାମ ଘୋଷ, ବୈକୁଣ୍ଠ ଚନ୍ଦ, ସନ୍ଦିବ ଜେନା, ମନୋଜ ପରିଡ଼ା, ନିତ୍ୟାନନ୍ଦ ପ୍ରଧାନ, ବସନ୍ତ ଜେନା, ସଦାଶିବ ଜେନା, ଉତ୍ତମ ପାତ୍ର, ଉତ୍ତମ ଦାସ, ଜୟନ୍ତ ଦାସ, ସଞ୍ଜୀବ ପ୍ରଧାନ, ଆୟୁଷ ମହାନ୍ତି, ସୁଧୀର କୁମାର ଦାସ, ଜୟନାରାୟଣ ପ୍ରଧାନ, ସଞ୍ଜୟ ଧଳ, ଅରୁଣ ସୁର, ଅଙ୍କିତ କୁମାର ପରିଡ଼ା, ଜ୍ଞାନ ରଞ୍ଜନ ଦାଶ, ସୁରେଶ ଚନ୍ଦ୍ର ଜେନା, ବ୍ରଜ କିଶୋର ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

### ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କଲେ ଭୋଗରାଇ ବିଧାୟକ

# ୧୦୦ କୋଟି ଟଙ୍କାର କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱାରୋପ

ଭୋଗରାଇ, ୨୭।୬(ସମିସ) :

ଭୋଗରାଇ ନିର୍ବାଚନ ମଣ୍ଡଳୀରେ ତତ୍କାଳୀନ ନବୀନ ସରକାରଙ୍କ ସମୟରେ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି । ମାତ୍ର ସେହି କାର୍ଯ୍ୟରେ ଏବେ ମନ୍ଥରତା ଦେଖାଯାଇଛି । ସେହିପରି ଅନେକ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା ବେଳେ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ । ତେଣୁ ଏହି ସବୁ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ନେଇ ଆଜି ଭୋଗରାଇର ନବ ନିର୍ବାଚିତ ବିଧାୟକ ଗୌତମବୁଦ୍ଧ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାଲେଶ୍ୱର ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଡ୍ରେନେଜ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ପ୍ରଣବ ନାୟକଙ୍କ ସହ ଆଲୋଚନା କରିଛନ୍ତି । ଭୋଗରାଇ ଭଳି ଉପାନ୍ତ ଅଞ୍ଚଳରେ ଲୋକେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ୧୦୦ କିମି ଦୂର ବାଲେଶ୍ୱର ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଯିବାକୁ ପଡୁଛି । ଏଠାରେ ଥିବା ୨ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୯ ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଯୁକ୍ତ ଭିତ୍ତିଭୂମି ନ ଥିଲା ବେଳେ ଡାକ୍ତରଙ୍କ ଅଭାବ ଯୋଗୁଁ ଲୋକେ



ଦୁର୍ଦ୍ଦଶା ଭୋଗି ଆସୁଛନ୍ତି । ତେଣୁ ଏଠାରେ ଦୁଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଧୁନିକ ଯନ୍ତ୍ରପାତି ସହିତ ଅଲ୍ଟ୍ରାସାଉଣ୍ଡ ସୁବିଧା ଯୋଗାଇ ଦେବା ସହ ଆବଶ୍ୟକ ସଂଖ୍ୟକ ଡାକ୍ତର, ବିଶେଷଜ୍ଞ ଡାକ୍ତର, ଅସ୍ତ୍ରୋପଚାର କକ୍ଷ, ରକ୍ତ ଭଣ୍ଡାର ଭଳି ଅତ୍ୟାବଶ୍ୟକୀୟ ସୁବିଧା ଉପଲବ୍ଧ କରାଇବା ନେଇ ବିଧାୟକ ଶ୍ରୀ ଦାସ ଜିଲ୍ଲାପାଳ ଏବଂ ସିଡିଏମ୍‌ଓ ନିକଟରେ ଦାବି ରଖିଥିଲେ । ସେହିପରି ଦୀର୍ଘ ବର୍ଷ ଧରି ଉଦୟପୁର-ତାଳସାରି ମେରାଇନ ଡ୍ରାଇଭ ନିର୍ମାଣ, ବେଳାଭୂମି ସୌନ୍ଦର୍ଯ୍ୟ କରଣ ପ୍ରକଳ୍ପ, ବେଳାଭୂମି ସଂଲଗ୍ନ ଜଙ୍ଗଲ ଜମି ହସ୍ତାନ୍ତରକୁ ନେଇ ଥିବା ସମସ୍ୟା, ଉଦୟପୁର ବେଳାଭୂମି ଠାରେ ଗଙ୍ଗା ମାତା ମନ୍ଦିର ନିର୍ମାଣ ଓ ଉଚ୍ଛେଦ ବ୍ୟବସାୟଙ୍କ ପାଇଁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ସମୁଦ୍ରତଟ ତାଳସାରିରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ସୁରକ୍ଷା ପ୍ରାଚୀର ନିର୍ମାଣ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଆଲୋଚନା କରାଯାଇଥିଲା । ଏହାଛଡ଼ା ବାବା ଚନ୍ଦନେଶ୍ୱର ମନ୍ଦିର ରୂପାନ୍ତକରଣ କାର୍ଯ୍ୟକୁ ତୁରନ୍ତ ଶେଷ କରାଯିବା ସହିତ ବାବା ଭୂଷଣ୍ଡେଶ୍ୱର ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା । ଥାନାଛକ ଠାରେ ନୂତନ ବସ ଷ୍ଟାଣ୍ଡ ନିର୍ମାଣ ବେଳେ ଉଚ୍ଛେଦ ହୋଇଥିବା ୪୫ ଜଣ କ୍ଷୁଦ୍ର ବ୍ୟବସାୟୀଙ୍କୁ ଥଇଥାନ କରିବା, ଗ୍ରାମ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣାଧିନ ସମସ୍ତ ରାସ୍ତା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା, ଲୋକଙ୍କୁ ପ୍ରଦାନ କରାଯାଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ (ନବୀନ କାର୍ଡ) କୁ ତୁରନ୍ତ ପ୍ରଚଳନ କରିବା ଏବଂ ବାବା ଚନ୍ଦନେଶ୍ୱର ମନ୍ଦିର ଟ୍ରଷ୍ଟ ଦ୍ୱାରା ବିଭିନ୍ନ ସୌରାତ ନିଲାମ ପ୍ରକ୍ରିୟାର ଅବଧିକୁ ବଢ଼ାଇବା ଇତ୍ୟାଦି ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୋଗରାଇର ହଜାର ହଜାର ଏକର ଚାଷଜମିରୁ ଜଳ ନିଷ୍କାସନ ସମସ୍ୟାର ନିରାକରଣ କରି କୃଷକମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ପୂର୍ବର ନବୀନ ସରକାର ମଞ୍ଜୁର କରିଥିବା ୧୦୦ କୋଟି ଟଙ୍କାର ମହତ୍ୱାକାଂକ୍ଷୀ ପ୍ରକଳ୍ପକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ଲାଗି ପ୍ରାଥମିକ ସ୍ତରରେ ଜମି ଅଧିଗ୍ରହଣ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବା ସହ ସର୍କିଟ ହାଉସରେ ସ୍ୱତନ୍ତ୍ର ଭାବେ ଡ୍ରେନେଜ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ନାୟକ ଏବଂ ଅନ୍ୟ ବିଭାଗୀୟ ଯନ୍ତ୍ରୀମାନଙ୍କ ସହ ଆଲୋଚନା ଶ୍ରୀ ଦାସ ଆଲୋଚନା କରିଥିବା ଜଣାପଡ଼ିଛି । ଶ୍ରୀ ଦାସଙ୍କ ସହ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମିନାରାଣୀ ସାସମଲ, ଜିଲ୍ଲାପରିଷଦ ସଦସ୍ୟା ନିବେଦିତା ମହାନ୍ତି, କବିତା ମହାନ୍ତି, ପ୍ରତିମା ଚାନ୍ଦ, ଦମୟନ୍ତୀ ସାହୁ, ସଦସ୍ୟ ଗିରିଶ ଚନ୍ଦ୍ର ଦତ୍ତ, ନିଶିକାନ୍ତ ସାହୁ, ବୁଦ୍ଧ ଦେବ ପଣ୍ଡା ପ୍ରମୁଖଙ୍କ ସହ ଅନ୍ୟ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ । ଆଲୋଚନା ପରେ ଖୁବ୍‌ଶୀଘ୍ର ଏଥିପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ଯନ୍ତ୍ରୀ କହିଥିଲେ ।

## ମଜୁରୀ ଟଙ୍କା ଦାବିରେ ଧାରଣା



ଚୌକି, ୨୭।୬ (ସମିସ) : ଗହଣା ଦୋକାନରେ କାର୍ଯ୍ୟ କରୁଥିବା କୁଶଳୀ କାରିଗରଙ୍କ ବକେୟା ମଜୁରୀ ଟଙ୍କା ନ ମିଳିବାରୁ ଆଜି ଉକ୍ତ ଦୋକାନ ଆଗରେ ସମ୍ପୃକ୍ତ କାରିଗରଙ୍କ ସହିତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ଧାରଣାରେ ବସିଥିବା ଜଣାପଡ଼ିଛି । ଏଭଳି ଘଟଣା ଘଟିଛି ଭୋଗରାଇ ବ୍ଲକ ଦେହୁର୍ଦ୍ଦା ଗ୍ରାମର ଥାନା ଛକ ଆନନ୍ଦ ବଜାରଠାରେ ।
ପ୍ରକାଶ ଯେ, ଭୋଗରାଇ ଥାନା ଛୋଟ ମହେଶ ପୁର ଗ୍ରାମର ବସନ୍ତ କାମିଲାଙ୍କ ପୁଅ ସୁଶାନ୍ତ କାମିଲା ଜଣେ ସୁନା ରୁପା ଗହଣା କାରିଗର । ଆନନ୍ଦ ବଜାରରେ ଗହଣା ଦୋକାନ କରିଥିବା ଦୀପିକ୍ରୀଷ୍ଣ କାମିଲାଙ୍କ ଗହଣା ଦୋକାନରୁ ସୁନା ନେଇ ନିଜ ଘରେ ଅନ୍ୟ କାରିଗର ମାନଙ୍କୁ ଲଗାଇ ଗହଣା ତିଆରି କରି ଆଜକୁ ୧୦ ବର୍ଷ ଧରି ଯୋଗାଇ ଆସୁଛନ୍ତି । ଏବାବଦରେ ଗହଣା ଦୋକାନୀଙ୍କ ଠାରୁ କାରିଗର ଜଣକ ୨୨ ଲକ୍ଷ ଟଙ୍କା ମଜୁରୀ ବାବଦରେ ପାଇବାର ଥିଲା ବେଳେ ସମ୍ପୃକ୍ତ ଦୋକାନୀ ଆଜି କାଲି କହି ମଜୁରୀ ଟଙ୍କା ଦେଉ ନ ଥିଲେ । ଏ ବାବଦରେ ଭଦ୍ର ଲୋକଙ୍କୁ ନେଇ ସମାଧାନ ପାଇଁ ବହୁଥର ବୈଠକ ବସିଥିଲେ ମଧ ଦୋକାନୀ ଜଣଙ୍କ ବିଚାରକୁ ମାନି ନଥିଲେ । ଅନ୍ୟପକ୍ଷରେ ଗହଣା କାରିଗର ଜଣଙ୍କ ଗାଁର ୫ଟି ସ୍ୱୟଂ ସହାୟକ ଗୋଷ୍ଠୀରୁ ୮ ଲକ୍ଷ ଟଙ୍କା ସୁଧରେ ଆଣି ଅନ୍ୟ କାରିଗର ମାନଙ୍କୁ ପୈଠ କରିଥିଲେ । ଏବେ ୨ବର୍ଷରୁ ଅଧିକ ସମୟ ଗହଣା ଦୋକାନୀ ଦୀପିକ୍ରିଷ୍ଣା କାରିଗର ସୁଶାନ୍ତଙ୍କୁ ମଜୁରୀ ଟଙ୍କା ନ ଦେବାରୁ କାରିଗର ମାନସିକ ଚାପରେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ । ଏହାକୁ ପ୍ରତିବାଦ କରି ଗୁରୁବାର ସୁଶାନ୍ତକୁ ନେଇ ଗାଁର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଆନନ୍ଦ ବଜାରରେ ଥିବା ଦୀପି କ୍ରିଷ୍ଣାଙ୍କ ଗହଣା ଦୋକାନ ଆଗରେ ଧାରଣାରେ ବସିଛନ୍ତି । ଏ ବାବଦରେ ଗହଣା ଦୋକାନୀଙ୍କ ସ୍ତ୍ରୀ କନକ ଲତା କାମିଲା ଭୋଗରାଇ ଥାନାରେ ସୁଶାନ୍ତଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିବା ବେଳେ ସୁଶାନ୍ତ ମଧ ଦୀପିକ୍ରିଷ୍ଣାଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି ।

## ବାଟ ହନୁମାନଙ୍କ ବାର୍ଷିକ ଉତ୍ସବ



ଖନ୍ତାପଡ଼ା, ୨୭।୬(ସମିସ): ବାହାନଗା ବ୍ଲକ ପଥରପେଣ୍ଟ ପଞ୍ଚାୟତ ଜଗିଡି ଠାରେ ୭ମ ବାଟ ହନୁମାନଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କମିଟିର ସଭାପତି ଜଗନ୍ନାଥ ରାଉତଙ୍କ, ମଧୁସୂଦନ ରାଉତ, ସମ୍ପାଦକ ସୋମନାଥ ନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ମୁଖ୍ୟଅତିଥି ଭାବେ ଭାବେ ପଥରପେଣ୍ଟ ମହିଳା ସରପଞ୍ଚ ଉର୍ମିଳା ପାଣ୍ଡିଆ, ସମାଜସେବୀ ମନୋଜ ପାଣ୍ଡିଆ, ପ୍ରଫୁଲ୍ଲ କୁମାର ସାମନ୍ତରାଏ, ସମାଜସେବୀ ଶ୍ରୀଧର ମହାନ୍ତି ଯୋଗଦେଇ ଭକ୍ତ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପୂଜାରେ କର୍ତାରୂପେ ପୁରୁଷୋତ୍ତମ ରାଉତ ଓ ଜୟନ୍ତୀ ରାଉତ ଯୋଗଦେଇ ଅଂଶଗ୍ରହଣ କରିଥିଲେ । ପଣ୍ଡିତ ମାଧବାନନ୍ଦ ମିଶ୍ର, ରଞ୍ଜିତ ପଣ୍ଡା, କୈଳାଶ ଚନ୍ଦ୍ର ମିଶ୍ର, ଇନ୍ଦ୍ରଜିତ ପଣ୍ଡା, ଅଖଣ୍ଡ ନାମ ଯଜ୍ଞ କରିବା ସହିତ ରିତିବିଧି ଅନୁସାରେ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପଥରପେଣ୍ଟର ଗ୍ରାମବାସୀ ସହଯୋଗ କରିଥିଲେ ।

## ସେବା ସଙ୍ଗମ ଫାଉଣ୍ଡେସନ ଗଠିତ



ଚୌକି, ୨୭।୬ (ସମିସ) : ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତର ବାଟଗ୍ରାମ ଠାରେ ସେବା ସଙ୍ଗମ ଫାଉଣ୍ଡେସନ ନାମରେ ଏକ ନୂତନ ସ୍ୱେଚ୍ଛାସେବୀ ସଂଗଠନ ଗଠିତ ହୋଇଯାଇଛି । ଲୋକମାନଙ୍କ ସୁବିଧା ଅସୁବିଧାରେ ସାଙ୍ଗରେ ଠିଆହେବା ଏହାର ମୁଖ୍ୟ ଲକ୍ଷ୍ୟ ହୋଇଥିବା ବେଳେ ରକ୍ତଦାନ କରିବା, ଡାକ୍ତର ଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ରକ୍ତ ଦରକାର ହେଲେ ସେମାନଙ୍କୁ ରକ୍ତ ଦେବାର ସୁବ୍ୟବସ୍ଥା କରିବା ପାଇଁ ସଂଗଠନ କାର୍ଯ୍ୟ କରିବ ବୋଲି ସମସ୍ତ ସଦସ୍ୟ ମାନେ ପ୍ରଥମେ ଶପଥ ନେଇଥିଲେ । ସେହିପରି ଗରିବ ଲୋକଙ୍କ ଅସୁବିଧା ସୁବିଧାରେ ମହତ୍ୱପୂର୍ଣ୍ଣ କାର୍ଯ୍ୟ ମାନ ହାତକୁ ନେବ ବୋଲି ସଂଗଠନ ପକ୍ଷରୁ ନିଷ୍ପତ୍ତି ହୋଇଛି । ଏହି ଅବସରରେ ଫାଉଣ୍ଡେସନ ସଭାପତି ଭାବେ ତପନ ସ୍ୱାଇଁ, ଉପସଭାପତି ଭାବେ ପଦାରବିନ୍ଦ ପ୍ରଧାନ, ସମ୍ପାଦକ ଭାବେ ରଶ୍ମି ରଞ୍ଜନ ସେନ, ସହ ସମ୍ପାଦକ ଦେବଜିତ ରାଉତ, କୋଷାଧ୍ୟକ୍ଷ ଆଶିଷ ଜେନାଙ୍କୁ ସର୍ବ ସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉଦୟସଙ୍ଗତ ଗିରି, ସୁକୁମାର ପରିଡ଼ା, ସିଦ୍ଧାର୍ଥ ଶଙ୍କର ମହାନ୍ତି, ରବୀନ୍ଦ୍ର ଦାସ, ଗୋପାଳ ନାୟକ, ନନିଗୋପାଳ ଜେନା, ଭୁବନ ମଣ୍ଡଳ, ପ୍ରଶାନ୍ତ ମଣ୍ଡଳ, ତାପସ ମଣ୍ଡଳ, ଗୌତମ ସାମଲ, ନବୀନ ବିସି ପ୍ରମୁଖଙ୍କ ସହ ବହୁ ଯୁବକ ସଂଘରେ ସଭ୍ୟ ହୋଇଥିଲେ ।

## ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ନିଶା ନିବାରଣ ଦିବସ

ଖଇରା, ୨୭ ।୬ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ବୁଧବାର ବିଶ୍ୱ ନିଶା ନିବାରଣ ଦିବସ ପାଳିତ ହୋଇ ଯାଇଛି । ଏଥି ନିମନ୍ତେ ଆୟୋଜିତ ସଚେତନତା ସଭାରେ ଅଧ୍ୟକ୍ଷ ଗଗନ ବିହାରୀ ରାଉତ ପୌରୋହିତ୍ୟ କରିବା ଅବସରରେ ନିଶା ମଣିଷ ଜୀବନକୁ, ପରିବାରକୁ ଏବଂ ସମାଜକୁ କିଭଳି ନଷ୍ଟ କରୁଛି ବିସ୍ତୃତ ଭାବେ ବୁଝାଇଥିଲେ । ଅନ୍ୟତମ ବକ୍ତା ଭାବେ ଡ. ଆଭାରାଣୀ ବଳ, ଅଧ୍ୟାପକ ଚିରଞ୍ଜିବୀ ଦାସ, ମନିଷ ରାଉତ ପ୍ରମୁଖ ନିଶା ସେବନର କୁପରିଣାମ ଉପରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟ ଛାତ୍ରୀଛାତ୍ର ଗଣ ଏହି ସଚେତନତା ସଭାରେ ଅଂଶ ଗ୍ରହଣ କରିଥିଲେ ।



## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଆଲୋଚନାଚକ୍ର

ଚୌକି, ୨୭।୬(ସମିସ) : ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚଏସ) ରେ ଆଜି ଭାରତୀୟ ଯୁବ ରେଡ଼କ୍ରସ ଓଡ଼ିଶା ଶାଖା ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର କେଦାରସିଂ ଦାସ ଉଦଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲ୍ଲା ପ୍ରଶିକ୍ଷକ ରାଜେଶ କୁମାର ଦାସ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କଣ କରିବା ଉଚିତ ଏବଂ ନିଜେ ସୁରକ୍ଷିତ ରହି ଅନ୍ୟକୁ କିପରି ସୁରକ୍ଷା ଯୋଗାଇଦେବେ ସେ ବାବଦରେ ବିଷଦ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ଅନ୍ୟତମ ପ୍ରଶିକ୍ଷକ ପ୍ରଣବେଶ ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଯୁବ ରେଡ଼କ୍ରସର ଉପଦେଷ୍ଟା ଅଧ୍ୟାପକ ହରେନ୍ଦ୍ର ନାରାୟଣ ବେହେରା, ଅଧ୍ୟାପିକା ଶୁଚିସ୍ମିତା କର ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇ ଥିବା ବେଳେ ଅଧ୍ୟାପକ ଜଗଦୀଶ ଚନ୍ଦ୍ର ଗିରି, ତ୍ରିବେଣୀ ଧଡ଼ା, ଡ଼ଃ ଧୀରେନ୍ଦ୍ର କୁମାର ଜେନା ଓ ବ୍ରଜବିହାରୀ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରାଜପଥ ଉପରେ ବେଆଇନ ଗାଡ଼ି ପାର୍କିଂ



ବସ୍ତା ବ୍ଲକ, ୨୭।୬ (ସମିସ) : ବସ୍ତା ଥାନା ହଳଦିପଦା ଠାରୁ ରାଜଘାଟ ପର୍ଯ୍ୟନ୍ତ ୬୦ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱ ରେ ଏବେ ବେଆଇନ ଭାବେ ଗାଡ଼ି ପାର୍କିଂକୁ ନେଇ ଯାତ୍ରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ରାସ୍ତା ଉପରେ ଛୋଟ ଛୋଟ ଗାଡ଼ି ଠାରୁ ଆରମ୍ଭ କରି ଟ୍ରକ, କଣ୍ଟେନର, ଡମ୍ପର ଭଳି ଅନେକ ଗାଡ଼ି ରାସ୍ତା ଉପରେ ବେଆଇନ ଭାବେ ଛିଡ଼ା ହେଉଛି । ଯାହାଫଳରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ହାନି ଘଟୁଛି । ସେହିପରି ରାଜପଥ ଏବେ ବିଭିନ୍ନ ଛୋଟ ବଡ଼ ବ୍ୟବସାୟର ପେଣ୍ଠ ସ୍ଥଳୀ ପାଲଟିଛି । ରାସ୍ତା ପାର୍ଶ୍ୱରେ ଉଠା ଜଳଖିଆ ଦୋକାନୀ, ଫଳ ଦୋକାନୀ, ପାନ ଚାହା ଦୋକାନୀ, ରେଷ୍ଟୁରାଣ୍ଟ ଓ ମାଳ ମାଳ ଢାବା ଖୋଲୁଛି । ଯାହା ଫଳରେ ଏହି ସବୁ ଦୋକାନର ବର୍ଜ୍ୟ ସାମଗ୍ରୀ ରାସ୍ତା ଉପରେ ଲୋକେ ପକାଉଥିବାରୁ କୁକୁର, ବୁଲା ଗୋରୁଙ୍କୁ ଧକ୍କା ଦେଇ ରାଜପଥରେ ଯାଉଥିବା ବାଇକ୍ ଆରୋହୀ ଦୁର୍ଘଟଣା ର ଶିକାର ହେଉଥିବା ବେଳେ କେତେବେଳେ ବଡ଼ ଗାଡ଼ି ସହ ଗାଡ଼ିର ଧକ୍କା ହୋଇ ଜୀବନ ଯାଉଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷେ ବାଲେଶ୍ୱର-ଜଳେଶ୍ୱର ରାସ୍ତାର ରୂପସା ଥାନା ଯୁକନଣ୍ଡି ଠାରେ ଥିବା ଦୁଇଟି ଚାହା ଦୋକାନ ପାଖରେ ଦିନ ଓ ରାତିରେ ମାଳ ମାଳ ଗାଡ଼ି ଛିଡ଼ା ହେଉଛି । ଯାହା ଫଳରେ ସେଠାର ରାସ୍ତା ଜାମ ହେଉଥିବା ଦେଖିବାକୁ ମିଳିଛି । ସେଥିପାଇଁ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ରାଜପଥ ପାଟ୍ରୋଲିଂ ପୁଲିସ, ବସ୍ତା ଓ ରୂପସା ପୁଲିସ ସବୁ ଦେଖୁଥିଲେ ମଧ ସେଥିପ୍ରତି ଦୃଷ୍ଟି ଦେଉନଥିବାରୁ ଏହି କାର୍ଯ୍ୟକଳାପ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହି ସମସ୍ୟାକୁ ଜିଲ୍ଲା ପ୍ରଶାସନ ଓ ରାଜପଥ ଅଧିକାରୀ ଦୃଷ୍ଟି ଦେବାକୁ ଯାତ୍ରୀ ମହଲରେ ଦାବି ହୋଇଛି ।

## ବାଇକ୍ ଦୁର୍ଘଟଣାରେ ମହିଳା ମୃତ

ରାଇବଣିଆ, ୨୭।୬(ସମିସ) : ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ଅନ୍ତର୍ଗତ କୁଅଁରପୁର ଗ୍ରାମର ନନ୍ଦଲାଲ ଘୋଷଙ୍କ ପତ୍ନୀ କାଞ୍ଚନଲତା ଘୋଷ (୫୦) ଏକସପ୍ତାହ ପୂର୍ବରୁ ଜଳେଶ୍ୱରର ପଞ୍ଚୁଘଣ୍ଟିସ୍ଥିତ ତାଙ୍କ ସମୁଦ୍ରୁଣୀର ଏକାଦଶାହ ପାଇଁ ଯାଇଥିଲେ । ଗତ ବୁଧବାର ସନ୍ଧ୍ୟା ସମୟରେ ସେଠାରୁ ଜ୍ୱାଇଁ ସଞ୍ଜୀବ ଘୋଷଙ୍କ ସହିତ ଘରକୁ ଫେରୁ ଥିବା ସମୟରେ ଭଦୁଆ ଠାରୁ ହାତୀଗର୍ଡ଼ ପେଟ୍ରୋଲ ପମ୍ପ ନିକଟରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ କାଞ୍ଚନଲତା ଗାଡିରୁ ଛିଟିକି ପଡ଼ିଥିଲେ ଓ ତାଙ୍କର ମୁଣ୍ଡରେ ଜୋରରେ ଆଘାତ ଲାଗିଥିଲା । ତାଙ୍କୁ ସଙ୍ଗେ ସଙ୍ଗେ ହାତିଗର୍ଡ଼ ଡାକ୍ତଖାନାକୁ ନେଇଆସିଥିଲେ କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଯାହା ଫଳରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିବା ସହିତ ଗ୍ରାମରେ ଶୋକାକୁଳ ପରିବେଶ ଛାଇ ଯାଇଥିଲା । ସୁବର୍ଣ୍ଣରେଖା ନଦୀକୂଳ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଏକମାତ୍ର ପୁଅ ହୃଷିକେଶ ମୁଖାଗ୍ନି ଦେଇଥିଲେ ।



# ମଧ୍ୟାହ୍ନ ଭୋଜନରେ ଅନିୟମିତତା ବିବାଦ ତେଜିଲା

ବାହାନଗା, ୨୭।୬ (ସମିସ) :

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ମହାରୁଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ମଧ୍ୟାହ୍ନ ଭୋଜନରେ ନିମ୍ନ ମାନର ଖାଦ୍ୟ ଯୋଗାଉଥିବା ଅଭିଯୋଗରେ ଅନ୍ତର ହୋଇଥିବା ଗଜାନନ ସ୍ୱୟଂ ସହାୟିକା ଗୋଷ୍ଠୀକୁ ପୁନଶ୍ଚ ଖାଦ୍ୟ ଯୋଗାଣ ପାଇଁ ଉପ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିରୋଧ କରି ସ୍କୁଲର ରୋଷେଇ ଘରେ ତାଲା ଦେଇ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍କୁଲ କମିଟି ସଦସ୍ୟ ମାନେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।
ଖବର ଅନୁସାରେ ମହାରୁଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୭୩ ଜଣ ପାଠ ପଢୁଛନ୍ତି । ସରକାର ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରିବା ଏବଂ ସ୍କୁଲରେ ମଧ୍ୟାହ୍ନରେ ଛାତ୍ରଛାତ୍ରୀ ଉପବାସ ନ ରହିବା ପାଇଁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପୁଷ୍ଟିକର ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଛନ୍ତି । ସେହିପରି ମହାରୁଦ୍ରପୁର ସ୍କୁଲକୁ ଦୀର୍ଘ ୧୮ ବର୍ଷଧରି ଗଜାନନ ସ୍ୱୟଂ ସହାୟିକା ଗୋଷ୍ଠୀ ରନ୍ଧା ଖାଦ୍ୟ ଯୋଗାଇ ଆସୁଛି । ଯୋଗାଣକାରୀ ସଂସ୍ଥା ଅନେକ ସମୟରେ ନିମ୍ନମାନର ଅରୁଚିକର ଖାଦ୍ୟ ଯୋଗାଉଥିବା ନେଇ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ଶିକ୍ଷା ବିଭାଗର ଅଧିକାରୀଙ୍କ ନିକଟରେ




- ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିରୋଧ
- ରୋଷେଇ ଘରେ ତାଲା ଦେଇ ଧାରଣାରେ ବସିଲେ ଛାତ୍ରଛାତ୍ରୀ ଓ ଅଭିଭାବକ

ଅଭିଯୋଗ ହୋଇ ଆସୁଥିଲା । ଏ ନେଇ ବିଭାଗୀୟ ଅଧିକାରୀ ସମ୍ପୃକ୍ତ ଯୋଗାଣକାରୀ ସଂସ୍ଥା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ଶେଷରେ ଗଜାନନ ସ୍ୱୟଂ ସହାୟିକା ଗୋଷ୍ଠୀର ଖାଦ୍ୟକୁ ବିରୋଧ କରି ଗତ ୨୦୨୩ ମସିହା ସେପ୍ଟେମ୍ବର ୨୯ ତାରିଖରେ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବା ସହ ସ୍କୁଲରେ ତାଲା ଦେଇ ଧାରଣାରେ ବସିଥିଲେ । ଶେଷରେ ବାହାନଗା ବିଇଓ ସୋମାରାଣୀ ସେଠି ପହଞ୍ଚି ପରଦିନ ଠାରୁ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ଚେୟାରପର୍ସନ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ତୁଲାଇବା ଏବଂ ଏ ବାବଦରେ ସମସ୍ତ ଖର୍ଚ୍ଚ ଏସଏମସି କମିଟିର ବ୍ୟାଙ୍କ ଖାତାକୁ ଯିବାକୁ ନେଇ ନିର୍ଦ୍ଦେଶ ଦେଇଥିଲେ । ସେହିଦିନ ଠାରୁ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ କମିଟି ଛାତ୍ରଛାତ୍ରୀଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଆସୁଥିଲେ । ଏହାକୁ ଚ୍ୟାଲେଞ୍ଜ କରି ଗଜାନନ ସ୍ୱୟଂ ସହାୟିକା ଗୋଷ୍ଠୀ ମାନ୍ୟବର ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହାକୁ ବିଚାର କରି ବାଲେଶ୍ୱର ଉପ ଜିଲ୍ଲାପାଳଙ୍କୁ ଘଟଣା ବାବଦରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ଉପ ଜିଲ୍ଲାପାଳଙ୍କ କୋର୍ଟରେ ବିଚାର ପରେ ଉପଜିଲ୍ଲାପାଳ ଗଜାନନ ସ୍ୱୟଂ ସହାୟିକା ଗୋଷ୍ଠୀ ଖାଦ୍ୟ ଯୋଗାଣ କରିବାକୁ ଗତ ୨୪ ତାରଖରେ ନିର୍ଦ୍ଦେଶ ଦେଇଥିଲେ । ଏ ବାବଦରେ କୌଣସି ସୂତ୍ରରୁ ଖବରପାଇ ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଏସଏମସି କମିଟି ସଦସ୍ୟ ମାନେ ସ୍କୁଲର ଶିକ୍ଷକ ଏବଂ ସ୍କୁଲ ଏସଏମସି କମିଟି ମାଧ୍ୟମରେ ଖାଦ୍ୟ ଯୋଗାଇବା ଦାବି କରିବା ସହ ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିରୋଧ କରିଥିଲେ । ସ୍କୁଲ ଖୋଲିବା ମାତ୍ରେ ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ ମାନେ ରୋଷେଇ ଘରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ । ଏହି ସମୟରେ ସ୍କୁଲ କମିଟି ଏବଂ ଅଭିଭାବକଙ୍କ ସହ ସ୍ୱୟଂ ସହାୟିକା ଗୋଷ୍ଠୀର କଥା କଟାକଟି ହେବା ସହ ଉତ୍ତେଜନା ଦେଖିବାକୁ ମିଳିଥିଲା । ନିମ୍ନମାନର ଖାଦ୍ୟ ଯୋଗାଉଥିବାରୁ ଆମେ ସେହି ସ୍ୱୟଂ ସହାୟିକା ଗୋଷ୍ଠୀ ଠାରୁ ଖାଦ୍ୟ ଖାଇବେ ନାହିଁ ବୋଲି ଛାତ୍ରଛାତ୍ରୀ ରୋକ ଠୋକ ମନା କରିଥିଲେ । ଶେଷରେ ଆଜି ଖାଦ୍ୟ ଯୋଗାଇବାକୁ ଆସିଥିବା ଗଜାନନ ସ୍ୱୟଂ ସହାୟିକା ଗୋଷ୍ଠୀ ଖାଦ୍ୟ ନ ଯୋଗାଇ ଫେରି ଯାଇଥିଲେ । ଅଭିଭାବକ ମାନେ ମିଳିତ ହୋଇ ନିଜ ଛାତ୍ରଛାତ୍ରୀଙ୍କୁ ଶୁଖିଲା ଖାଦ୍ୟ ଦେଇଥିବା ଦେଖିବାକୁ ମିଳିଥିଲା । ଏ ବାବଦରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରାଧାରାଣୀ ମୁର୍ମୁଙ୍କୁ ପଚାରିବାରୁ ସେ କୁହନ୍ତି ଘଟଣା ବାବଦରେ ମୁଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଛି । ଅଧିକାରୀଙ୍କ ଠାରୁ ଯାହା ନିର୍ଦ୍ଦେଶ ମିଳିବ, ସେହି ଅନୁସାରେ କାର୍ଯ୍ୟ କରିବୁ ବୋଲି ପ୍ରକାଶ କରିଛନ୍ତି । ଅନ୍ୟପଟେ ସ୍କୁଲର ଛାତ୍ରଛାତ୍ରୀ, ଅଭିଭାବକ, ସ୍କୁଲ ପରିଚାଳନା କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ମଧ ଲିଖିତ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି ।

